## ସଂକ୍ଷେପରେ

### ୨୭ ଲିଟର ମଦ ଜବତ, ୩ ଗିରଫ

ଧାମନଗର,୧୬।୧୦(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ମଡେଲ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରୁ ବେଆଇନ ମଦ ବିକ୍ରି ଅଭିଯୋଗରେ ବୁଧବାର ୩ ଜଣଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଓ ଭଣ୍ଡାରିପୋଖରୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଭଣ୍ଡାରିପୋଖରୀ ବଜାରରେ ଯୋଗେନ୍ଦ୍ର ଦାସ ଓ ଶରତ କବାଟି ଏବଂ ଧାମନଗର ବ୍ଲକ୍ କୋରକୋରା ଗ୍ରାମର ମାନସୀ ଯେନାଙ୍କ ଠାରୁ ମୋଟ ୨୭ ଲିଟର ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଛି। ଏ ନେଇ ମାମଲା (ନଂ.୧୨୮,୧୨୯,୧୩୦/୨୪-୨୫) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦିଲ୍ଲୀରେ ଓଡ଼ିଆ ଇଞ୍ଜିନିୟରଙ୍କ ପରଲୋକ

ତିହିଡି,୧୬।୧୦(ସଞ୍ଜିତ ବଳ)

ତିହିଡି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମର ଇଞ୍ଜିନିୟର ମାନସ ରଞ୍ଜନ ସାହୁ(୫୨)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଶିକ୍ଷାବିତ କୁଳମଣି ସାହୁଙ୍କ ମଧ୍ୟମ ପୁତ୍ର ମାନସ ରାଜସ୍ଥାନର ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ।


ମାନସ ରଞ୍ଜନ ସାହୁ

ସ୍ତ୍ରୀ ଓ ପିଲାମାନଙ୍କ ସହ କିଛି ବର୍ଷ ହେଲା ସେ ଦିଲ୍ଲୀରେ ରହୁଥିଲେ। ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡ଼ିତ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗରେ ତିହିଡି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମା' କୁଣ୍ଡିକାଳୀଠାରେ ଗଜଲକ୍ଷ୍ମୀ ପୂଜା



ଭଦ୍ରକ,୧୬।୧୦(ରବିନାରାୟଣ ଖିଲାର)

ପାର୍ବଣ ଋତୁର ବଡ଼ପର୍ବ ଦଶହରା ପୂଜା ଶେଷ ହୋଇଛି। ଜଗତଜନନୀ ମା' ଦୁର୍ଗା ମେଲାଣି ନେଇଛନ୍ତି। ବୁଧବାର ଧରାଧାମକୁ ଆଗମନ କରିଛନ୍ତି ଧନଦାତ୍ରୀ ମା' ଗଜଲକ୍ଷ୍ମୀ। ଭଦ୍ରକର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଆଡମ୍ବର ସହକାରେ ପାଳିତ ହେଉଥିବା ବେଳେ ମା' କୁଣ୍ଡିକାଳୀଠାରେ ମଧ ମା' ଗଜଲକ୍ଷ୍ମୀଙ୍କ ପୂଜା ହେଉଛି। ପୂଜାରେ ମା'ଙ୍କ ନିକଟରେ ଖିରୁଡ଼ି, ମଣ୍ଡାପୀଠା ଆଦି ଭୋଗ ଲଗାଯାଇଛି। ଅନୁଷ୍ଠାନ ପକ୍ଷରୁ ପୂଜକ ଶିବାଶିଷ ବହଳି, ଖବରଦାତା ଅକ୍ଷୟ ନାୟକ, ଶିକ୍ଷକ ଶିବଶଙ୍କର ମଲ୍ଲିକ, ଶୈଳାଳା ନାୟକ, ଗୌରୀ ବାଳା ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଚାଲିଛି।

# ଏକ୍ସ-ରେ ରୁମ୍‌ରେ ଝୁଲୁଛି ତାଲା

## ସମସ୍ୟାରେ ବାସୁଦେବପୁର ଡାକ୍ତରଖାନା

### ଠିକାଦାରଙ୍କୁ ମିଳିନି ୫-ଟି କାର୍ଯ୍ୟର ବିଲ୍

ବାସୁଦେବପୁର,୧୬।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାସୁଦେବପୁର ସମେତ ଚାନ୍ଦବାଲି ଓ ସୋର ନିର୍ବାଚନ ମଣ୍ଡଳୀର କେତେକ ପଞ୍ଚାୟତ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନାନାବିଧ ସମସ୍ୟା ଦେଇ ଗତି କରୁଥିବାରୁ ଜନଅସନ୍ତୋଷ ଦେଖାଦେଉଛି। ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହା ୫-ଟି ଡାକ୍ତରଖାନାରେ ଅନ୍ତର୍ଭୁକ୍ତ ହୋଇ ରୂପାନ୍ତରିତ କାର୍ଯ୍ୟ ଚାଲିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରି ନାହିଁ। ଫଳରେ ଏହା ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇପାରୁନାହିଁ। ଠିକେଦାର ନିର୍ମାଣକାର୍ଯ୍ୟ ଶେଷ କରିଥିବା ବେଳେ ବକେୟା ପ୍ରାପ୍ୟ ୭୦ ଲକ୍ଷ ଟଙ୍କା ମିଳିପାରି ନ ଥିବାରୁ ସେ ଗତ ସପ୍ତାହ ତଳେ ନିର୍ମାଣାଧୀନ ଡାକ୍ତରଖାନାରେ ତାଲା ପକାଇଥିବା ଜଣାପଡ଼ିଛି। ଏହି ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଏନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ



ଏକ୍ସ-ରେ କକ୍ଷରେ ପଡ଼ିଥିବା ତାଲା।

ବିଧାୟକ ଅଶୋକ କୁମାର ଦାସ କ୍ଷେତ୍ରୀୟ ପରିଦର୍ଶନ କରି ଠିକାଦାରଙ୍କ ବକେୟା ଟଙ୍କା ପ୍ରଦାନ ପାଇଁ ଯନ୍ତ୍ରୀ, ବିଡିଓ, ଏଇଇଙ୍କୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କେତେକ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨/୩ ମାସ ଧରି ନିର୍ମାଣ ଟଙ୍କା ପାଇବା ଓ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ଘଟଣାକୁ ନେଇ ବାଦାନୁବାଦ ଲାଗି ରହିଛି। ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କର ଇତି ମଧ୍ୟରେ ଅନ୍ୟତ୍ର ବଦଳି ହୋଇଯାଇଛି। ଏହି ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଏକ୍ସ-ରେ କକ୍ଷରେ ତାଲା ପଡ଼ିବା ଯୋଗୁଁ ଏକ୍ସ-ରେ କାର୍ଯ୍ୟ ବନ୍ଦ ରହିଛି। ଏହା ଏକ ଜରୁରୀକାଳୀନ ସେବା ହୋଇଥିବା ବେଳେ ଏହା ସପ୍ତାହେ ଧରି ବନ୍ଦ ରହିବା ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯାଇଛି ବୋଲି କହିଛନ୍ତି।

# ଯୌତୁକ ଦାବିରେ ବଧୂ ହତ୍ୟା ଅଭିଯୋଗ

ଚାନ୍ଦବାଲି,୧୬।୧୦(କିଷାନ ପାତ୍ର)

### ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ପାଞ୍ଚପଡ଼ା ଗ୍ରାମରେ ଅଧିକ ଯୌତୁକ ଦାବିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଚାନ୍ଦବାଲି ଥାନା ସେରପୁର ଗ୍ରାମର ଶରତ ନାୟକଙ୍କ ଝିଅ କ୍ଷିରାବ୍ଦୀ ତନୟାଙ୍କ ସହ ସେହି ଥାନା ପାଞ୍ଚପଡ଼ା ଗ୍ରାମର ସୁବାସ ସାହୁଙ୍କ ପୁଅ ରତିରଞ୍ଜନଙ୍କ ୩ ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦିଅର ମିଶି କ୍ଷିରାବ୍ଦୀଙ୍କୁ ଅଧିକ୨ ଲକ୍ଷ ଟଙ୍କା ଯୌତୁକ ଦାବି କରି ନିର୍ଯାତନା ଦେଉଥିଲେ। ପ୍ରତିବାଦ କରିବାରୁ ମଙ୍ଗଳବାର ତାଙ୍କ ଝିଅକୁ ମାରି ଦେଇଛନ୍ତି ବୋଲି ଶରତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତ କ୍ଷିରାବ୍ଦୀଙ୍କର ଏକ ଶିଶୁ କନ୍ୟା ମଧ ରହିଛି। ଥାନାରେ ମାମଲା (ନଂ. ୪୯୭/୨୪) ରୁଜୁ କରି ପୋଲିସ ସ୍ୱାମୀ ରତି ରଞ୍ଜନ ଓ ଶାଶୁ ମେନକା ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି।

# ୧୨୦ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାତାଙ୍କ ଗହଣରେ ବିଜେଡି ନେତୃବୃନ୍ଦ।

ଭଦ୍ରକ,୧୬।୧୦(ସନାତନ ରାଉତ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମଦିନ ଅବସରରେ ବୁଧବାର ଭଦ୍ରକ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସହରର ବିଜୁ କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଜିଲା ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ବ୍ଲକ ମହିଳା ସଭାନେତ୍ରୀ ଦେବୀଦତ୍ତା ମହାନ୍ତିଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୧୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଲେ ବିଧାୟକ


ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ପଚାରି ବୁଝୁଛନ୍ତି।

ବନ୍ତ,୧୬।୧୦(ହରିନାରାୟଣ ମହାନ୍ତି)

### ରୋଗୀଙ୍କୁ ଫଳ ବଣ୍ଟନ

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ଅବସରରେ ବୁଧବାର ଭଦ୍ରକ ଜିଲା ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେଡି ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚି କର୍ମୀମାନଙ୍କ ଗହଣରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହୋଇଥିବା ଲେବର ରୁମ୍‌କୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ତଥା ଅସୁରକ୍ଷିତ ଗୃହକୁ ଭଙ୍ଗାଯାଇ ଆଟେଣ୍ଡାଣ୍ଟ ସେଡ୍ ନିର୍ମାଣ କରିବା, ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା, ନିର୍ମାଣାଧୀନ ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟକୁ ତୁରନ୍ତ ଶେଷ କରିବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦେବା ନେଇ ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ ବିଧାୟକଙ୍କଠାରେ ଦାବି ଜଣାଇଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ବିଧାୟକ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭମ ବିଶ୍ୱାଳ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦିନ, ବିପିନ ନାୟକ, ପ୍ରଣବ କିଶୋର ଲେଙ୍କା, ସ୍ମୃତି ରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ସାମଲ, ଅଶୋକ ସାହୁ, ବସନ୍ତ ବେହେରା, ଆଲୋକ ରାଉତ, ସଞ୍ଜୟ ଦାସ, ଫାଲଗୁନି ରାଉତ, ସମୀମ ନୱାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଚାରାରୋପଣ

ଧାମନଗର,୧୬।୧୦(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ବିଜେଡି ରାଜ୍ୟ ସଭାପତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ପାଳନ କରାଯାଇଛି। ଦଇପୁର ପଞ୍ଚାୟତ ମିଶନ ଶକ୍ତି କାର୍ଯ୍ୟାଳୟ ନିକଟରେ ଜନ୍ମ ଦିନ ଉପଲକ୍ଷ ଚାରାରୋପଣ କରାଯାଇଥିଲା। ପ୍ରଥମେ ଦଳ ପକ୍ଷରୁ କେକ୍ କଟାଯାଇ ଜନ୍ମଦିନ ପାଳନ କରାଯାଇଥିଲା। ପରେ ବ୍ଲକ୍ ସଭାପତି ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ନିର୍ବାଚନ ମଣ୍ଡଳୀ ନେତା ସଞ୍ଜୟ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶାଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପ୍ରତାପ ସାମଲ, ଧାମନଗର ଏନ୍ଏସି ଉପାଧ୍ୟକ୍ଷ ଏମ୍‌ଡି ନୁରାନି, ବିଜେଡି ଯୁବ ସଭାପତି ଭାରତ ବିଜୟ ଦଳାଇ, ଛାତ୍ର ସଭାପତି ପ୍ରକାଶ ବେହେରା, ସରପଞ୍ଚ ଦିପାଞ୍ଜଳୀ ନାୟକ, ସମିତିସଭ୍ୟା ବୀଣାପାଣି ପଣ୍ଡା ପ୍ରମୁଖ ଯୋଗଦେଇ ଚାରାରୋପଣ କରି ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ନଗର ସଭାପତି ଶୁଶାନ୍ତ ରାଉତ, ଜ୍ଞାନେନ୍ଦ୍ର ମହାକୁଡ଼, ଜଗଦୀଶ ପାତ୍ର, ବିଶ୍ୱରଞ୍ଜନ ଘଡ଼ାଇ, ମୀର ମୃତୁଜା, ସେକ୍ ବାବୁନ, କୃଷ୍ଣଚନ୍ଦ୍ର ପତି, ରବୀନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।

### ବସନ୍ତ ପାତ୍ରଙ୍କ ସ୍ମୃତିଚାରଣ

ଭଦ୍ରକ,୧୬।୧୦(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ୍‌ର ଏରେଇଁ କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ସଂଘ ଚରମ୍ପାର ପୂର୍ବତନ ସଦସ୍ୟ ତଥା ଅଧ୍ୟାପକ ବସନ୍ତ କୁମାର ପାତ୍ରଙ୍କ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାଶ, ସମ୍ପାଦକ କୈଳାସ ମହାପାତ୍ର, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ସ୍ପଷ୍ଟବାଦୀ ବ୍ୟକ୍ତି ଥିଲେ। ୨୦୨୦ରୁ ଚରମ୍ପା ମହାବିଦ୍ୟାଳୟରୁ ଅର୍ଥନୀତି ବିଭାଗରୁ ଅଧ୍ୟାପନା ଦାୟିତ୍ୱରୁ ଅବସର ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଆସିଥିଲେ। ଦିଲ୍ଲୀରେ ନିଜ ପିଲାଙ୍କ ଗହଣରେ ଅବସର ସମୟ ବିତାଉଥିବା ସମୟରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା।

# କୁମାରପୂର୍ଣ୍ଣିମା ପାଇଁ ଗାଁଠୁ ସହର ଉତ୍ସବମୁଖର


ଆରଡିଛକ ନିକଟ କଲୋନୀରେ ଝିଅମାନେ ପୂଜା କରୁଛନ୍ତି।

ଭଦ୍ରକ/ଭଣ୍ଡାରିପୋଖରୀ, ୧୬।୧୦ (ସନାତନ ରାଉତ/ ରାଜେନ୍ଦ୍ର ଶତପଥି)

କୁମାରୀମାନଙ୍କ ଉତ୍ସବ କୁମାର ପୂର୍ଣ୍ଣମୀ ପାଇଁ ବୁଧବାର ଭଦ୍ରକ ଜିଲାର ଗାଁ ଠାରୁ ସହର ଉତ୍ସବ ମୁଖର ହୋଇଉଠିଛି। ଆଧୁନିକତାର ଛାପରେ କୁଆଁର ଓଷା ସହରାଞ୍ଚଳରେ କମି ଯାଇଥିବା ବେଳେ ଗ୍ରାମାଞ୍ଚଳରେ କିନ୍ତୁ ଘରେ ଘରେ କୁମାରୀ ମାନେ ପାଳନ କରିଛନ୍ତି। ଘର ଅଗଣାର ତୁଳସୀ ଚଉରାକୁ ବିଭିନ୍ନ ରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରିବା ସହ କଇଁ ଫୁଲରେ ଚାନ୍ଦ ତିଆରି କରିଛନ୍ତି। ଦିନ ସାରା ଉପବାସ ରହି ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ନୂଆ ବସ୍ତ୍ର ପରିଧାନ କରି ସାଥି ମେଳରେ ଚାନ୍ଦ ବନ୍ଦାଣ କରି କୁଆଁର ଉଷା ଉଦଯାପିତ କରିଛନ୍ତି। ସେହିପରି ଭଣ୍ଡାରୀପୋଖରୀ ଅଞ୍ଚଳରେ କୁମାରପୂର୍ଣ୍ଣମୀ ଧୂମଧାମରେ ପାଳନ କରାଯାଇଛି। ନାଲି, ନୀଳ ଓ ଧଳା ରଙ୍ଗର କଇଁ ଆଦି ଫୁଲରେ ଚଉରାକୁ ସଜ୍ଜିତ କରାଯାଇଛି। କଳସ ପୂଜା ସହ ନବଉଦିତ ଜହ୍ନମାମୁଁଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ଖଇ, ତାଳଗଜାର ଭୋଗରେ ଚନ୍ଦ୍ରାକୃତି କରାଯାଇ ଜହ୍ନମାମୁଁଙ୍କୁ ବନ୍ଦାପନା ସହ ମଣ୍ଡାପିଠା ଭୋଗ ଲାଗି କରାଯାଇଥିଲା। କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ ସହ କୁଆଁରୀମାନେ ନଗରଭ୍ରମଣ କରି ଉତ୍ସବ ପାଳନ କରିଥିଲେ।

# ସମିତି ସମ୍ପାଦକଙ୍କ ସହ ଅନ୍ୟ ୨ଜଣଙ୍କ ନାଁରେ ମାମଲା

ଧାମନଗର, ୧୬।୧୦ (ସନ୍ତୋଷ କୁମାର ମହାପାତ୍ର)

### ସରକାରୀ ଜମି ଅବରୋଧ ଅଭିଯୋଗ ପରେ ମରଣାନ୍ତକ ଆକ୍ରମଣ

ଧାମନଗର ବ୍ଲକ ପଳିକିରି ଓ ଅନହରପୁର ମୌଜାରେ ଥିବା ସରକାରୀ ଜମି, ଗୋଚର, ଅନାବାଦୀ, ପାଣି ନାଳକୁ ଦୀର୍ଘ ବର୍ଷ ହେଲା ମାଟି ପକାଇବା ସହ କଂକ୍ରିଟ କରି ଅବରୋଧ କରାଯାଇଛି। ଯାହାଦ୍ୱାରା ଚାଷ ଜମିକୁ ଜଳସେଚନ ଓ ଜଳ ନିଷ୍କାସନ ହୋଇପାରୁନାହିଁ। ଏନେଇ ପଳିକିରି ଗ୍ରାମର ତ୍ରିଲୋଚନ ନାୟକ (୬୨) ଗତ ୭ ତାରିଖରେ ଲିଖିତ ଭାବେ ଭଦ୍ରକ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଅଭିଯୋଗ ଶୁଣିବା ପରେ ଉପଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଆକ୍ରୋଶରେ ଜବରଦଖଲକାରୀ ଧାମନଗର ବ୍ଲକ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଓ ଅନ୍ୟମାନେ ଅଭିଯୋଗକାରୀ ତ୍ରିଲୋଚନଙ୍କୁ ଗତ ୯ ତାରିଖରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା(ନଂ. ୪୩୬/୨୪) ରୁଜୁ ହୋଇଛି।

ଅଭିଯୋଗ ମୁତାବକ ତ୍ରିଲୋଚନ ଅପରାହ୍ନରେ ଅନହରପୁରସ୍ଥିତ ସରପଞ୍ଚଙ୍କ ଘରକୁ ଯାଉଥବା ବେଳେ ରାସ୍ତାରେ ସମବାୟ ସମିତି ସମ୍ପାଦକ ରାଉତ, ଚକ୍ରଧର ରାଉତ ଓ ଗଙ୍ଗାଧର ରାଉତ ମିଳିତ ଭାବେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଆକ୍ରମଣକାରୀମାନେ ପୂର୍ବଦିନ ଫୋନରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

# ନବୀନଙ୍କ ଜନ୍ମଦିନ ପାଳିଲା ବିଜେଡି

ଭଣ୍ଡାରିପୋଖରୀ,୧୬।୧୦ (ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଜେଡି ପକ୍ଷରୁ ବୁଧବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମୋତ୍ସବକୁ ସେବା ଦିବସ ଭାବେ ପାଳନ କରାଯାଇଛି। ବିଧାୟକ ସଞ୍ଜିବ ମଲ୍ଲିକ ବ୍ଲକ୍ ଛକ ବିଜୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶନିମନ୍ଦିରରେ ପୂଜାର୍ଚ୍ଚନା କରି ନବୀନଙ୍କ ଶୁଭ ମନାସୀ ଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଛାତ୍ର ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ଯୁବ ସଭାପତି ଲଳିତ ରାଉତ, ବିରେନ୍ଦ୍ର ନାୟକ, ପରମାନନ୍ଦ ନାୟକ, ପ୍ରସନ୍ନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ନବୀନଙ୍କ ଜନ୍ମୋତ୍ସବ ପାଳନ ଅବସରରେ ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା।।

# ଭାଜପା ଯୁବମୋର୍ଚ୍ଚା ସଦସ୍ୟତା ଅଭିଯାନ ସମୀକ୍ଷା

ଧାମନଗର,୧୬।୧୦(ଦେବେନ୍ଦ୍ର ଆନ୍ଦିଆ)

ଭାଜପାର ଧାମନଗର ବିଧାନସଭା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଦସ୍ୟତା ସଂଗ୍ରହ ଅଭିଯାନର ସମୀକ୍ଷା ବୈଠକ ଆନନ୍ଦବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମୀକ୍ଷା ବୈଠକରେ ଯୋଗଦେଇ ଭାରତୀୟ ଜନତା ପାର୍ଟି ସଦାସର୍ବଦା କାର୍ଯ୍ୟକର୍ତ୍ତାଙ୍କୁ ପ୍ରାଧାନ୍ୟ ଦେଇ ଆସିଥିବା କହିଥିଲେ। ବର୍ତ୍ତମାନ ଚାଲିଥିବା ସଦସ୍ୟତା ସଂଗ୍ରହ ଅଭିଯାନରେ କିପରି ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ାଯାଇ ପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭ୍ୟ ସଂଗ୍ରହ ଅଭିଯାନରେ ଯୁବମୋର୍ଚ୍ଚାର ଏକ ବଡ଼ ଭୂମିକା ରହିଛି ବୋଲି ବୈଠକରେ ମନ୍ତ୍ରୀ ପ୍ରକାଶ କରିଥିଲେ। ମୁକୁନ୍ଦଦେବ ମଣ୍ଡଳ



ଯୁବମୋର୍ଚ୍ଚା ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ କର୍ମକର୍ତ୍ତାମାନେ।

ଯୁବ ସଭାପତି ରଞ୍ଜିତ କୁମାର ସାହୁଙ୍କ ପୌରହିତ୍ୟରେ ସଦସ୍ୟତା ଅଭିଯାନର ଜିଲା ସଂଯୋଜକ ମନୋରଞ୍ଜନ ମଲ୍ଲିକ, ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ପ୍ରୀତମ ମହାପାତ୍ର, ମଣ୍ଡଳ ଯୁବମୋର୍ଚ୍ଚା ନେତୃତ୍ୱ ସ୍ୱାଧୀନ ସମ୍ଭିତ ଦାସ, ରଜତ ଲେଙ୍କା, ରଜନୀକାନ୍ତ ମିଶ୍ର, ଗୌରାଙ୍ଗ ଦାସ, ଅନନ୍ତ ବେହେରା, ଯଜ୍ଞଦତ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ ବରିଷ୍ଠ ନେତା ଅଶୋକ ପୁହାଣ, ଦେବେନ୍ଦ୍ର ପୁହାଣ, ବିଦ୍ୟାଧର ରାଉତ, ବୁଦ୍ଧଦେବ ଜେନା, ବୈକୁଣ୍ଠ ନାଥ ସାହୁ, ସଞ୍ଜୀବ ବେହେରା, ଉଷାକାନ୍ତ ନାୟକ, ତପନ ପାଢ଼ୀ, ଅନ୍ତର୍ଯ୍ୟାମୀ ପତି, ହୃଷିକେଶ ରାଉତ, ପ୍ରମୋଦ ଦାସ ପ୍ରମୁଖଙ୍କ ସମେତ ଭାଜପାର ବହୁ ଯୁବ କର୍ମକର୍ତ୍ତା ଯୋଗଦେଇଥିଲେ।

# ୨୪ରେ ବାଙ୍ଗିରିପୋଷି ଆସିବେ ରାଷ୍ଟ୍ରପତି

## ୩ ନୂତନ ରେଳ ପ୍ରକଳ୍ପର ହେବ ଭିତ୍ତିପ୍ରସ୍ତର ସ୍ଥାପନ

ବାଙ୍ଗିରିପୋଷି,୧୬।୧୦ (ସଞ୍ଜୟ କୁମାର ଅଗ୍ରୱାଲା)

୩ଟି ନୂତନ ରେଳପଥ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଆସିବେ। ପୂର୍ବରୁ ୨୩ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପାଇଁ ସ୍ଥିରିକୃତ ହୋଇଥିବା ବେଳେ ଏଥିରେ ପରିବର୍ତ୍ତନ କରାଯାଇ ୨୪ ତାରିଖ ରଖାଯାଇଥିବା ଦକ୍ଷିଣ-ପୂର୍ବ ରେଳୱେ ଜିଏମ୍ ଅନିଲ କୁମାର ମିଶ୍ର କହିଛନ୍ତି। ବୁଧବାର ଜିଏମ୍ ମିଶ୍ର ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଙ୍ଗିରିପୋଷି ଗସ୍ତରେ ଆସି ସମସ୍ତ ବ୍ୟବସ୍ଥାର ତଦାରଖ କରିବା ପରିପ୍ରେକ୍ଷୀରେ ଏହା କହିଥିଲେ। ସେହିପରି ଏଡିଜି ଦୟାଲ ଗଙ୍ଗୱାର ମଧ୍ୟ ବାଙ୍ଗିରିପୋଷିରେ ପହଞ୍ଚି ନିର୍ମାଣାଧୀନ ହେଲିପ୍ୟାଡ୍ ନିରୀକ୍ଷଣ କରିଥିଲେ। କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସାଙ୍ଗରେ ଉପସ୍ଥିତ ଥିବା ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସାଏ ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ସହ ଆଲୋଚନା କରିଥିଲେ। ବାଙ୍ଗିରିପୋଷି ଷ୍ଟେଶନ ନିକଟସ୍ଥ ମିନି ଷ୍ଟାଡିୟମଠାରେ ହେବାକୁ ଥିବା କାର୍ଯ୍ୟକ୍ରମର ଆୟୋଜନ ସ୍ଥାନ, ପାର୍କିଂ ବ୍ୟବସ୍ଥା, ଯାନବାହାନ ଓ ଭିଡ଼ ନିୟନ୍ତ୍ରଣ ସହ ଶାନ୍ତିଶୃଙ୍ଖଳା ଓ ଅତିଥିମାନଙ୍କର ସୁରକ୍ଷା ସମ୍ପର୍କରେ ଜିଲାପାଳ,ଏସ୍‌ପି ଏବଂ ରେଲୱେ ଏଡିଆରଏମ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ, ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ବେଳେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀମାନଙ୍କ ସହ ମୟୂରଭଞ୍ଜ ଏମ୍‌ପି ଓ ୨ ରାଜ୍ୟସଭା ସଦସ୍ୟ, କେନ୍ଦୁଝର ଓ ବାଲେଶ୍ୱର ଏମ୍‌ପି, ଜିଲାର ସମସ୍ତ ବିଧାୟକ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ସ୍ଥିର ହେଇଛି।


ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ନିଖୋଜ ବାଳକଙ୍କ ମୃତଦେହ ଜବତ

ଠାକୁରମୁଣ୍ଡା,୧୬।୧୦(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ତାଳପଦା ଗ୍ରାମ ନିକଟରେ ପ୍ରବାହିତ ସିମ ନଦୀରେ ଭାସି ଯାଇଥିବା ଜଣେ ବାଳକଙ୍କ ମୃତଦେହ ବୁଧବାର ଜବତ ହୋଇଛି। ମୃତ ବାଳକ ଜଣକ ହେଲେ ତାଳପଦା ଗ୍ରାମର ଶତ୍ରୁଘନ ପଲେଇଙ୍କ ପୁଅ ରୁଦ୍ରନାରାୟଣ। ସୂଚନା ଅନୁଯାୟୀ, ଅଷ୍ଟମ ଶ୍ରେଣୀରେ ପଢୁଥିବା ରୁଦ୍ରନାରାୟଣ ମଙ୍ଗଳବାର ୮ ଜଣ ସାଙ୍ଗଙ୍କ ସହ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ନଦୀ କୂଳରେ ଥିବା ପଥର ଉପରେ ସେ ଛିଡ଼ା ହୋଇଥିବା ବେଳେ ଅସାବଧାନତା ବସତଃ ପାଦ ଖସି ଯିବାରୁ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଅନ୍ୟ ସାଙ୍ଗମାନେ ଆସି ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି କରି ୨୪ ଘଣ୍ଟା ପରେ ନଦୀ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି।

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା ବଜାର ନିକଟ ଦେଶବନ୍ଧ ନାଳରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ମୋରଡ଼ା ଗ୍ରାମର ସୋନିଆ ଦେହୁରୀ। ସୂଚନା ମୁତାବକ, ବୁଧବାର ଅପରାହ୍ନ ୩ଟା୩୦ ସମୟରେ ଉକ୍ତ ନାଳରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଅଞ୍ଚଳର କଟ ରାଉତ ଏବଂ ବିଭୁଦତ୍ତ ବେହେରା ଦେଖିଥିଲେ। ଖବରପାଇ ମୋରଡ଼ା ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ସଞ୍ଜୟ ବେହେରା ନାଳ ଭିତରକୁ ଯାଇ ଖୋଜାଖୋଜି କରି ସୋନିଆଙ୍କ ମୃତଦେହ ପାଇଥିଲେ ମଧ୍ୟ ପାଣିରୁ କାଢ଼ିବାକୁ ଅସମର୍ଥ ହୋଇଥିଲେ। ପରେ ଚିତ୍ରଡ଼ା ଦାମକଳ ବାହିନୀ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୋନିଆଙ୍କ ମୃତଦେହ ପାଣିରୁ ଉଦ୍ଧାର କରି ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

### ୩୨୦ ଲିଟର ମଦ ଜବତ

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିଛି। ସୂଚନା ମୁତାବକ, ଦେଉଳି ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରା,ବାରିପଦା ସଦର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ବାରିପଦା ସଦର ସବ ଇନ୍ସପେକ୍ଟର ବ୍ରଜକିଶୋର ମଲ୍ଲିକ,କୁଳିଅଣା ଅବକାରୀ ବିଭାଗ,ଏପିଆର ଫୋର୍ସ ଏବଂ ମାଜିଷ୍ଟ୍ରେଟ ଗଦାଧର ମାଝୀ ମିଳିତ ଭାବେ ବ୍ଲକର ଢେଙ୍କିନାଜିଆ ଗ୍ରାମରେ ଚଢ଼ାଉ କରି ୪୩୦୦ କେଜି ମହୁଲ ପୋଚ ନଷ୍ଟ କରିବା ସହିତ ୩୨୦ ଲିଟର ମଦ ଜବତ କରିଥିଲେ। ସେହିପରି ବ୍ଲକର ଗେଣ୍ଡାଖାଳ ଓ କୁଣ୍ଡିଆଶୋଳ ଗ୍ରାମରେ ଚଢ଼ାଉ କରି ଯଥାକ୍ରମେ ୨୨୦୦ ଓ ୩୮୦୦ କେଜି ମହୁଲ ପୋଚ ନଷ୍ଟ କରିବା ସହିତ ମୋଟ ୩୪୦ ଲିଟର ମଦ ଜବତ କରିଛନ୍ତି ।

### ଚୋରି ସନ୍ଦେହରେ ନାବାଳକଙ୍କୁ ପୋଲିସ ଜିମା

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳକଙ୍କୁ ଚୋରି ସନ୍ଦେହରେ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ଚିତ୍ରଡା ଗ୍ରାମର ଓମ୍‌ଆଦିତ୍ୟପ୍ରକାଶ ମହାନ୍ତଙ୍କ ଘର ବାହାରେ ଥିବା ଏକ ଡିଜେ ଗାଡ଼ିରୁ କିଛି ଦିନ ତଳେ ଏକ ବ୍ୟାଟେରି ଚୋରି ହୋଇଥିଲା। ମଙ୍ଗଳବାର ରାତିରେ ୪ଜଣ ଉକ୍ତ ଡିଜେ ଗାଡ଼ିରୁ ଚୋରି କରିବାକୁ ଉଦ୍ୟମ କରୁଥିବା ସମୟରେ ପରିବାର ଲୋକେ ଜାଣିପାରି ଟର୍ଚ୍ଚ ଲାଇଟ୍ ପକାଇବାରୁ ୩ ଜଣ ଯୁବକ ପଲସର ବାଇକ୍‌ରେ ସେଠାରୁ ଖସି ପଳାଇଥିଲେ। ଜଣେ ନାବାଳକ ପାଖରେ ଥିବା ଏକ ଲଟାବୁଦାରେ ଲୁଚି ଯାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରି ଉକ୍ତ ନାବାଳକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ମୋରଡ଼ା ଥାନାରେ ଏକ ମାମଲା(ନଂ. ୨୮୯/୨୪) ରୁଜୁ ହୋଇଛି । ତେବେ ମୋରଡା ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ବେଳେ ପୋଲିସ ଘଟଣାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୁମୂର୍ଷୁ ଅବସ୍ଥାରେ ନାବାଳିକା ଉଦ୍ଧାର

■ ବଳାତ୍କାର ସନ୍ଦେହ, ଜଣେ ଅଟକ
■ ମୁହଁ ଖୋଲୁନାହିଁ ପୋଲିସ

ମୋରଡ଼ା,୧୬।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ବୁଧବାର ଜଣେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୋଲିସ ମୁହଁ ଖୋଲୁ ନ ଥିବା ବେଳେ ଏକ ମାମଲା(ନଂ.୨୮୮/୨୪)ରୁଜୁ କରି ତଦନ୍ତ ଜାରି ରଖିଥିବା ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି। ଅନ୍ୟପକ୍ଷରେ ଉଦ୍ଧାର ନାବାଳିକାଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

ସୂଚନା ଅନୁଯାୟୀ, ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ୧୪ ବର୍ଷର ଉକ୍ତ ନାବାଳିକାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ ଏବାବଦରେ ମୋରଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଜଣଙ୍କୁ ଅଟକ ରଖି ପଚାରଉଚୁରା କରୁଛି। ପରେ ନାବାଳିକାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦାସ୍ଥିତ ପିଆର୍‌ଏମ୍ ହସ୍ପିଟାଲ ଏବଂ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଆଶୁତୋଷ ମୃତ୍ୟୁ ଘଟଣା: ଜେଲ ଗଲେ ୩ ସାଙ୍ଗ

ବୈଶିଙ୍ଗା,୧୬।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଅଜାଡିହ ଛକ ନିକଟରେ ବେତନଟୀ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ସଦସ୍ୟ ଆଶୁତୋଷ ବେହେରାଙ୍କ ମୃତ୍ୟୁ ଘଟଣାରେ ପୋଲିସ ତାଙ୍କର ୩ ସାଙ୍ଗଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିଶଙ୍କର ତ୍ରିପାଠୀ, ଯଶୋବନ୍ତ ବେହେରା ଓ ଅନିର୍ବାଣ ବାଲା। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଆଶୁତୋଷଙ୍କୁ ୩ ଜଣ ସାଙ୍ଗ ଏକ କାର୍ ଯୋଗେ ଡାକି ଆଣି ମଦ୍ୟପାନ କରିବା ସହ ବୈଶିଙ୍ଗା ଆଡ଼କୁ ନେଇ ଆସିଥିଲେ। ବୈଶିଙ୍ଗା ବଜାରଠାରୁ ଅନତିଦୂର ଅଜାଡିହ ଛକ ନିକଟସ୍ଥ ଢ଼ାବାଠାରେ ଆଶୁତୋଷ ଗାଡ଼ିରୁ ଓହ୍ଲାଇ ରାସ୍ତାର ଅପର ପାର୍ଶ୍ୱକୁ ଚାଲିଯାଇଥିଲେ। ୩ ସାଙ୍ଗ ତାଙ୍କୁ ନ ପାଇ ବେତନଟୀ ଫେରିଯାଇଥିଲେ ବୋଲି ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେବେ ଆଶୁତୋଷଙ୍କୁ ସାଙ୍ଗରେ ଆଣି ଅତ୍ୟଧିକ ମଦ୍ୟପାନ କରାଇବା ଅଭିଯୋଗରେ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

# ଦୀପ ଜାଳିଲେ, ଜନ୍ମଦିନ ପାଳିଲେ


ଜଗନ୍ନାଥ ମନ୍ଦିର ପରିସରରେ ବିଜେଡି ପକ୍ଷରୁ ଦୀପ ଜଳା ଯାଉଛି।

## ମୟୂରଭଞ୍ଜ ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ

ବାରିପଦା,୧୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ପାଳନ କରାଯାଇଛି। ତାଙ୍କର ଦୀର୍ଘାୟୁ ଜୀବନ କାମନା କରି ବାରିପଦାଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ବୁଧବାର ସକାଳୁ ଦେବେନ୍ଦ୍ରପୁରସ୍ଥିତ ବୃଦ୍ଧାଶ୍ରମରେ ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ପରେ ଆୟୋଜିତ ରକ୍ତଦାନ ଶିବିରରେ ଯୁବ, ଛାତ୍ର, ମହିଳାଙ୍କ ସମେତ ସ୍ଥାନୀୟ ଜନସାଧାରଣ ରକ୍ତଦାନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବାହ୍ନରେ ରଘୁନାଥପୁରସ୍ଥିତ ରୋଜ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ସୁସ୍ଥ, ନିରୋଗ ଓ ଦୀର୍ଘାୟୁ ଜୀବନ କାମନା କରି ବିଜୁ ମହିଳା ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ବଡ଼ବଜାରସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ୭୮ତମ ଜନ୍ମ ଦିବସରେ ୭୮ଟି ପ୍ରଦୀପ ଜଳାଇ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ବ୍ଲକ ଅଧକ୍ଷ ସୁନ୍ଦର ମୋହନ ସିଂ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପ୍ରୀତିନାନ୍ଦା କାନୁନଗୋ, ଜିଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କମଳା ତିରିଆ, ଜିଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ପୋରପାଳିକାର ସମସ୍ତ ୱାର୍ଡ କାଉନସିଲର, ବରିଷ୍ଠ ନେତା ଏବଂ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ।

# ପାଣିରେ ବୁଡ଼ି ନାବାଳକ ମୃତ

ବୈଶିଙ୍ଗା,୧୬।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପିଙ୍ଗାବଣିଆ ଗ୍ରାମରେ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଲେ ବାପି ହାଁସଦାଙ୍କ ପୁଅ ସାଗେନ (୪)। ସୂଚନା ମୁତାବକ, ସାଗେନ ନିଜ ଘର ନିକଟସ୍ଥ ଜଳାଶୟକୁ ଯାଇଥିବା ବେଳେ ଗୋଡ ଖସିଯିବା ଯୋଗୁ ପାଣିରେ ବୁଡ଼ି ଯାଇଥିଲେ। ପରିବାରବର୍ଗ ବହୁ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବା ଦେଖି ଉଦ୍ଧାର କରି ବେତନଟୀ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୯/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା

ରାଇରଙ୍ଗପୁର,୧୬।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ କୁମାର ପୂର୍ଣ୍ଣିମା ଉତ୍ସବ ସହ ବିଭିନ୍ନ ପୂଜା ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳରେ ସନ୍ଧ୍ୟାବେଳେ କୁଆଁରୀ ଝିଅମାନେ ନିଜ ନିଜ ଘର ସମ୍ମୁଖରେ ଚନ୍ଦ୍ରକୁ ବନ୍ଦାପନା ଏବଂ ପୂଜା ଅର୍ଚ୍ଚନା କରିବା ସହ ବିଭିନ୍ନ ପିଠାପଣା ଏବଂ ଫଳ ସାମଗ୍ରୀ ଭୋଗ କରିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ କୁଚେଇବୁଢ଼ି ବସ୍ତି ଅଞ୍ଚଳ ଗଜଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି।

# ବିଶ୍ୱ ହିନ୍ଦୁ ପରିଷଦର ଶୋଭାଯାତ୍ରା

କରଞ୍ଜିଆ, ୧୬।୧୦( କବିତା ମହାନ୍ତ)

କରଞ୍ଜିଆ ମେଳନ ପଡ଼ିଆ ନିକଟରେ ବିଶ୍ୱହିନ୍ଦୁ ପରିଷଦର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଭାରୀ ହରିହର ତ୍ରିପାଠୀ ଏହି କାର୍ଯ୍ୟାଳୟର ଶୁଭାରମ୍ଭ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶ୍ୱହିନ୍ଦୁ ପରିଷଦର ସଦସ୍ୟା ସଦସ୍ୟ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି କାଯ୍ୟକ୍ରମକୁ ବିଭାଗ ସମ୍ପାଦକ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲା ସମ୍ପାଦକ (ପୂର୍ବାଞ୍ଚଳ) ପ୍ରଶାନ୍ତ ଆଚାର୍ଯ୍ୟ, ଜିଲା କାର୍ଯ୍ୟାଳୟ ସଭାପତି ସ୍ମୃତିରଞ୍ଜନ ମହାନ୍ତ, ଜିଲା ସମ୍ପାଦକ ଯଦୁନାଥ ମହାନ୍ତ, ରୂପଧର ମହାନ୍ତ, ମାଗଦର୍ଶକ ନନ୍ଦ କିଶୋର କିସ୍କୁ, ସାମାଜିକ ସମନ୍ୱୟ ପ୍ରମୁଖ ହିମାଂଶୁ ବାରିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସମ୍ବିଧାନ ମହାପାତ୍ର, ରାକେଶ ଅଗ୍ରୱାଲଙ୍କ ସମେତ ବହୁ ହିନ୍ଦୁ ପ୍ରେମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜେକେଏସି କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ଜଙ୍ଗଲ ଟାଇଗର ତୁଳସିଡ଼ିଆ ଦଳକୁ ଚତୁର୍ଥ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଉଛି।

ନୀଳଗିରି, ୧୬।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ଅଧୀନ ଭଉଁରିଆବାଡ଼ ପଞ୍ଚାୟତରେ ଥିବା ତେରେଲଡ଼ିହି ପଡ଼ିଆରେ ଜୁମିଦ ଖେରୱାଲ ଆଥଲେଟିକ କ୍ଲବ (ଜେକେଏସି) ପକ୍ଷରୁ ୩୩ତମ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରି ଖେଳାଳିମାନେ ଖେଳୁଆଡ଼ ମନୋଭାବ ରଖି ଖେଳିଲେ ଭବିଷ୍ୟତରେ ଦିନେ ନା ଦିନେ ଜିଲା ଓ ରାଜ୍ୟ ବାହାରେ ଖେଳ ଖେଳି ନିଜ ନାମ ଅର୍ଜନ କରିପାରିବେ ବୋଲି ମତପ୍ରକାଶ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଅବସରରେ ଚତୁର୍ଥ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତା ଦଳ ଜଙ୍ଗଲ ଟାଇଗର ତୁଳସିଡ଼ିଆକୁ ୭ହଜାର ଟଙ୍କା ଅର୍ଥ ରାଶି ମାଝିଙ୍କ ଦ୍ୱାରା ବିତରଣ କରାଯାଇଥିଲା। ଖେଳକୁ ଜେକେଏସି କ୍ଲବର ସମ୍ପାଦକ ଗୋବିନ୍ଦ ମାଝି, ଅଧକ୍ଷ ଭରତ ଚନ୍ଦ୍ର ମାଝି, କୋଷାଧକ୍ଷ ପଙ୍କଜ କୁମାର ମାଝି, ଉପଦେଷ୍ଟା ମଦନମୋହନ ମାଝି, ଶରତ ଚନ୍ଦ୍ର ମାଝି, ରଘୁନାଥ ମାଝି, ସଦାଶିବ ମାଝି, ବାଇଧର ମାଝି, ଫାଗୁରାମ ମାଝି, ବାଇଧର ମାଝି ଏବଂ ଜେକେଏସି କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ।

# ମନ୍ଦିରରୁ ଉଠାଇ ନେଲେ ହୁଣ୍ଡିବାକ୍ସ

ଉଦଳା,୧୬।୧୦(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା କଲେଜ ରୋଡ୍‌ରେ ଥିବା ଭୈରବ ଶଙ୍କର ମନ୍ଦିରରୁ ଲୁଟେରା ହୁଣ୍ଡିବାକ୍ସ ଲୁଟି ନେଇଛନ୍ତି। ବୁଧବାର ସକାଳେ ପୂଜକ ମନ୍ଦିରରେ ପହଞ୍ଚି ବାହାର ଗେଟ ଖୋଲା ଥିବା ଦେଖିବାକୁ ପାଇଥିଲେ। ଏହା ପରେ ମନ୍ଦିର ଭିତରେ ଥିବା ହୁଣ୍ଡିବାକ୍ସକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ମନ୍ଦିର କମିଟି ସଦସ୍ୟଙ୍କୁ ଜଣାଇବାରୁ କମିଟି ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଗତ ୫ ଦିନ ମଧ୍ୟରେ ଅଞ୍ଚଳର ୪ଟି ସ୍ଥାନରୁ ଲୁଟ ହୋଇଛି। ଦିନକ ପୂର୍ବରୁ ଶିକ୍ଷକଙ୍କ ଘରେ ସିସିଟିଭି ଢାଙ୍କି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିଲା। ଏହା ସହିତ ଦୁର୍ଗାପୂଜା ସମୟରେ ଦୁଇ ଜଣଙ୍କ ଘରୁ ମଧ୍ୟ ଲୁଟ ହୋଇଛି।


ଭୈରବ ଶଙ୍କର ମନ୍ଦିର।

# ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ

ସୋର, ୧୬।୧୦(ଜନ୍ମେଜୟ ମିଶ୍ର)

ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ସୋର ବିଜେଡି ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ସୋର ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସୋର ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ କରିଥିଲେ। ଏହି ଅବସରରେ ସୋରର ବିଭିନ୍ନ ଆଶ୍ରମରେ ଫଳବଣ୍ଟନ ଓ ବୃଦ୍ଧାବୃଦ୍ଧମାନଙ୍କ ସେବା କରାଯାଇଥିଲା। ସନ୍ଧ୍ୟାରେ ଗୋପାଳପୁରଠାରେ ସମୂହ ଦୀପଦାନ କରି ଦଳର ସଭାପତିଙ୍କ ନିରୋଗ ଓ ଦୀର୍ଘାୟୁ କାମନା ପାଇଁ କାର୍ଯ୍ୟକ୍ରମ କରାଯାଇଥିଲା।

# ଯୁବକଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୧୬।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଘିଆଟାଙ୍ଗର ଗ୍ରାମସ୍ଥିତ ଏକ ନାଳ ପାର୍ଶ୍ୱ ଗଛ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୯/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ବୟସ ୩୦ରୁ ୪୦ ବର୍ଷ ମଧ୍ୟରେ ହେବ। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ରୋଗୀଙ୍କୁ ଫଳ ବାଣ୍ଟିଲା ବିଜେଡି

ଖାରପୋଖରିଆ,୧୬।୧୦(ହରେକୃଷ୍ଣ ଦାସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେଡି କର୍ମୀମାନେ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଛନ୍ତି। ଡା. ଚିଦାନନ୍ଦ ପୃଷ୍ଟି, ବିଏମ୍ ବସନ୍ତ କୁମାର ପାଢ଼ୀ ଏବଂ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ପ୍ରଦୀପ କୁମାର ପାଲିତ, ଚିନ୍ମୟ କୁମାର ସାହୁ, ସ୍ୱାଗତ ପଟ୍ଟନାୟକ, ସଞ୍ଜୀବ ପଟ୍ଟନାୟକ, ମଧୁ ମାହାଲି, ଶ୍ୟାମ ସୁନ୍ଦର ରଣା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଚନ୍ଦ୍ର ଶେଖର ସାହୁ, ଜିଲା ସମ୍ପାଦକ ବିଶ୍ୱଜିତ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ଦାସ, ସାରସକଣା ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ମଣିଶଙ୍କର ବାରିକ ଉପସ୍ଥିତ ଥିଲେ।

# ଚମ୍ପୁଆ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

## ହେଲମେଟଧାରୀଙ୍କୁ ଚକୋଲେଟ୍

ଚମ୍ପୁଆ,୧୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆରେ ବଢୁଥିବା ବାଇକ ଜନିତ ଦୁର୍ଘଟଣାକୁ ରୋକିବା ପାଇଁ ବିଭିନ୍ନ ବିଭାଗ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଚମ୍ପୁଆ ପୋଲିସ ପକ୍ଷରୁ ମଧ୍ୟ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏଥିସହ ଚମ୍ପୁଆ ଥାନା ଅଧିକାରୀ ଅବିନାଷ ପରିଡାଙ୍କ ନେତୃତ୍ୱରେ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ବିଭିନ୍ନ ଛକ ଏବଂ ଜନଗହଳି ସ୍ଥାନରେ ପୋଲିସ ପକ୍ଷରୁ ହେଲମେଟ ଚେକ୍ କରାଯିବା ସହିତ ହେଲମେଟ୍ ପିନ୍ଧିଥିବା ବାଇକ ଆରୋହୀଙ୍କୁ ଚକୋଲେଟ ଦେଇ ଧନ୍ୟବାଦ ପ୍ରଦାନ କରାଯାଉଛି। ଏହାସହିତ ହେଲମେଟ ପିନ୍ଧି ନ ଥିବା ବାଇକ ଚାଳକଙ୍କୁ ହେଲମେଟ ପିନ୍ଧିଲେ କିପରି ଦୁର୍ଘଟଣାରୁ ରକ୍ଷା ପାଇବେ, ହେଲମେଟ୍ ପିନ୍ଧୁଥିବା ଚାଳକଙ୍କୁ ପୋଲିସ ଓ ଫାଇନ ଭୟରେ ହେଲମେଟ ନପିନ୍ଧି ନିଜର ସୁରକ୍ଷା କବଚ ଭାବରେ ଠିକ୍‌ଭାବରେ ହେଲମେଟ ପିନ୍ଧିବାକୁ ପରାମର୍ଶ ପ୍ରଦାନ କରାଯାଉଛି। ଏହି ତନଖି ସମୟରେ ବିଶେଷ ଭାବରେ ପୁରୁଷ ଚାଳକ ଅପେକ୍ଷା ମହିଳା ଚାଳକମାନେ ଅଧିକ ସଂଖାରେ ହେଲମେଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏସ୍‌ଆଇ ବରୋଦା ପ୍ରଶନ୍ନ ସାହୁ, ଏଏସ୍‌ଆଇ ରେବତୀ ବୁଡ, ଗୌତମ ବୈଦ୍ୟ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ।


ପୋଲିସ କର୍ମଚାରୀ ଜଣେ ମହିଳାଙ୍କୁ ଅଟକାଇ ପଚରାଉଚରା କରୁଛି।

## ସଂକ୍ଷେପରେ

### ଗ୍ରୁପ୍ ଅର୍ଥ ନେଇ ଫେରାଉନାହାନ୍ତି ସଭାପତି
### ସମ୍ପାଦକ ଥାନାର ଦ୍ୱାରସ୍ଥ

**ଚମ୍ପୁଆ,୧୬।୧୦(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ଗ୍ରାମରେ ଗ୍ରୁପ ଅର୍ଥ ନେଇ ଫେରାଉ ନ ଥିବାରୁ ଗ୍ରୁପର ସଭାପତିଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏ ନେଇ ଚମ୍ପୁଆ ଥାନାରେ ଗ୍ରୁପର ସମ୍ପାଦକ ଦେବୀରାଣି ବେହେରା ଅଭିଯୋଗ କରିଛନ୍ତି। ସମ୍ପାଦକଙ୍କ ଅଭିଯୋଗ ଅନୁସାରେ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୧୦ ଜାନୁୟାରୀ ୨୦୨୪ରେ ମା' ମହାମୟୀ ଗ୍ରୁପ ନାମରେ ଲୋନ୍ କରିଥିଲେ। ଏହି ଅର୍ଥକୁ ଗ୍ରୁପ ସଦସ୍ୟଙ୍କ ସହମତିରେ ସଭାପତି କୌଣସି ଏକ ଜରୁରୀ କାମପାଇଁ ନେଇଥିଲେ। ପ୍ରଥମେ ଠିକଭାବରେ କିସ୍ତି ଆକାରରେ ଅର୍ଥ ପୈଠ କରୁଥିଲେ। ମାତ୍ର ପରେ ୬୦ହଜାର ଟଙ୍କା ଦେଉ ନ ଥିବା ଏବଂ ଅର୍ଥ ମାଗିଲେ ବିଭିନ୍ନ ଆଳ ଦେଖାଇ ସମୟ ଗଡେଇ ଚାଲିଥିବା ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା(ନଂ. ୨୭୧/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଅବିନାସ ପରିଡ଼ା ସୂଚନା ଦେଇଛନ୍ତି।

### ଧର୍ମପରାୟଣାଙ୍କ ପରଲୋକ

**ଛେନାପଦି,୧୬।୧୦(ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ ଜଦିଦାସ ବିଦ୍ୟାମନ୍ଦିର ବଡ଼ରମ୍ପାସର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶାଳଣିଆଁ ପଞ୍ଚାୟତ ମନହରପୁର ଗ୍ରାମର ଶିକ୍ଷାବିତ୍ ଜଗବନ୍ଧୁ ଜେନାଙ୍କ ସହଧର୍ମିଣୀ ଶାନ୍ତିଲତା ଜେନା(୭୧)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ହୃଦୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶାଳଣିଆଁ ଅଞ୍ଚଳରେ ଜଣେ ଅମାୟିକ, ଧର୍ମପରାୟଣା, ପରୋପକାରୀ, ମିଷ୍ଟଭାଷୀ ଏବଂ ମେଳାପି ମହିଳାଭାବେ ତାଙ୍କର ସୁଖ୍ୟାତି ଥିଲା। ମୃତ୍ୟୁ ସମୟରେ ପୁଅ ପ୍ରଶାନ୍ତ ଜେନା, ପୁତ୍ରବଧୂ ଗାୟତ୍ରୀ ପରିଡା, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ ଏବଂ ନାତୁଣୀ, ନାତିମାନେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ନାତି ସାଇ ଜ୍ୟୋତି ଜେନା ମୁଖାଗ୍ନି ଦେଇଥିଲେ।

### ୨୬ରୁ ସପ୍ତଦଶ କେନ୍ଦୁଝର କଳା ଉତ୍ସବ

**କେନ୍ଦୁଝର,୧୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)**

ସାଂସ୍କୃତିକ ଅନୁଷ୍ଠାନ 'ସାଂସ୍କୃତିକୀ' ଆନୁକୂଲ୍ୟରେ ଆଗାମୀ ଅକ୍ଟୋବର ୨୬ ଓ ୨୭ରେ କେନ୍ଦୁଝରଗଡ଼ର ସଂସ୍କୃତି ଭବନ ପରିସରରେ ସପ୍ତଦଶ କେନ୍ଦୁଝର କଳା ଉତ୍ସବ ଆୟୋଜିତ ହେବ। ୨ ଦିନ ବ୍ୟାପୀ ଏହି ଜିଲାସ୍ତରୀୟ ଉତ୍ସବରେ ଚାରୁ ଓ କାରୁକଳା ପ୍ରଦର୍ଶନୀ, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଆସର, କଳା କର୍ମଶାଳା, ପୁସ୍ତକ ଚର୍ଚ୍ଚା, ଲେଖିକା ସମାବେଶ, କ୍ୟାମେରାରେ କେନ୍ଦୁଝର ଚିତ୍ର ପ୍ରଦର୍ଶନୀ ସହିତ କେନ୍ଦୁଝର ଜିଲାର ପର୍ଯ୍ୟଟନ ବିଭବ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜିତ ହେବ। ପ୍ରତିଭା ଅନ୍ୱେଷଣ ବିଭାଗରେ ଜିଲାର ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, କେନ୍ଦୁଝର କୁଇଜ, କଣ୍ଠ ଓ ଯନ୍ତ୍ର ସଙ୍ଗୀତ ତଥା ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ ବୋଲି କଳା ସଂସ୍କୃତି ସମୀକ୍ଷକ ଓ ସାଂସ୍କୃତିକୀର ପ୍ରତିଷ୍ଠାତା ଶ୍ୟାମହରି ଚକ୍ର ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଚଳିତ ବର୍ଷର ଉତ୍ସବ ବିଶ୍ୱ ପ୍ରସିଦ୍ଧ କଣ୍ଢେଇ ନୃତ୍ୟ ବିଶାରଦ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁରଙ୍କୁ ସମର୍ପିତ ହେବ।

# ଘାଟି ରାସ୍ତାରେ ବିପଦପୂର୍ଣ୍ଣ ଯାତ୍ରା

- ପରିଚାଳନା ଅଭାବରୁ ବ୍ୟାପକ ଗଛ ନଷ୍ଟ ହେଉଛି
- ମାଟି ଅତଡ଼ା, ପଥର ଖସି ଦୁର୍ଘଟଣା ଘଟୁଛି

**କେନ୍ଦୁଝର,୧୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ବିଭିନ୍ନ ସ୍ଥାନରେ ବିଶେଷ କରି ଜଙ୍ଗଲ ଓ ପାହାଡ଼ି ଅଞ୍ଚଳରେ ରାସ୍ତା ନିର୍ମାଣ ହେଉଛି। ଗମନାଗମନର ସୁବିଧା ପାଇଁ ରାସ୍ତା ଜରୁରୀ। ଏଥିପାଇଁ ପାହାଡ ମଧ୍ୟ କଟାଯାଇ ରାସ୍ତା ନିର୍ମାଣ ହେଉଛି। ତେବେ ରାସ୍ତା ନିର୍ମାଣ ପରେ ଜଙ୍ଗଲ ଥିବା ଅଞ୍ଚଳରେ ରାସ୍ତାକଡ଼ଗୁଡ଼ିକ ଠିକ୍ ଭାବରେ ପରିଚାଳନା କରାଯାଉ ନ ଥିବାରୁ ପାହାଡ ବା ରାସ୍ତାକଡରୁ ଅନେକ ସମୟରେ ମାଟି, ପଥର ଅତଡ଼ା ଖସୁଛି। ଫଳରେ ରାସ୍ତା ନଷ୍ଟ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଘାଟି ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନହାନୀ ଘଟୁଛି। ଅନେକ ସ୍ଥାନରେ ଗଛ ମୂଳ ଉପୁଡ଼ି ରାସ୍ତାରେ ପଡୁଛି। ଏଭଳି ସ୍ଥାନଗୁଡ଼ିକ ଚିହ୍ନଟ କରି ଠିକ୍ ଭାବରେ ପରିଚାଳନା କରିବାକୁ ଦାବି ହେଉଛି।

ପ୍ରକାଶ ଯେ, ବାଂଶପାଳ ବ୍ଲକ୍ ପର୍ଯ୍ୟଟନ କେନ୍ଦ୍ର ତଥା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାକୁ ସଂଯୋଗ କରୁଥିବା ବାୟାପଣ୍ଡାଧାର ରାସ୍ତା ବିପଦପୂର୍ଣ୍ଣଭାବେ ରହିଛି। ଏହି ରାସ୍ତା ପାହାଡ଼ କାଟି ନିର୍ମାଣ କରାଯାଇଛି। ସ୍ଥାନୀୟ ବନବାସୀ, ପର୍ଯ୍ୟଟକ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ପାହାଡ଼ କାଟି ରାସ୍ତା କରାଯାଇଥିବାରୁ ଲଗାଣ


ରାସ୍ତା କଡ଼ରେ ଥିବା ଗଛ ମୂଳରୁ ମାଟି ଧସିଯାଇଛି।

ବର୍ଷା ହେଲେ ପଥର ଓ ମାଟି ଖସି ରାସ୍ତା ଉପରେ ପଡୁଛି। ବାରମ୍ବାର ମୃତ୍ତିକା କ୍ଷୟ ଯୋଗୁ ବଡ଼ ଗଛଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଛିଡ଼ା ହୋଇଛି। ଅଧିକ ବର୍ଷା ହେଲେ ସେସବୁ ମଧ୍ୟ ରାସ୍ତା ଉପରେ ଖସି ପଡ଼ିବ। ଦୁର୍ଘଟଣା ଘଟିବା ସହ ରାସ୍ତା ଅବରୋଧ ହେବା ସମ୍ଭାବନା ରହିଛି। ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିଲେ ହେଁ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। କେତେକ ସ୍ଥାନରେ ବ୍ୟୟ ବହୁଳ ତାରଜାଲି ଦେଇ ପ୍ରଶାସନ ଦାୟିତ୍ୱ ସାରି ଦେଉଛି। ଏଭଳି ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ରାସ୍ତାକଡ଼ଗୁଡ଼ିକୁ ଠିକ୍ ଭାବରେ ପ୍ୟାକିଂ ଦେଇ ପାହାଡ଼, ଜଙ୍ଗଲର ସୁରକ୍ଷା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଥିସହ ଜିଲାରେ ଥିବା ଜୁଡିଆ ଘାଟି, କାଞ୍ଜିପାଣି ଘାଟି ସମେତ ପାହାଡ଼ିଆ ଅଞ୍ଚଳର ଅନେକ ରାସ୍ତାରେ ବିଭାଗୀୟ ଉଦାସୀନାତ ଯୋଗୁ ରାସ୍ତାକଡ଼ରୁ ମାଟି, ଗଛ ଓ ପଥର ଖସି ପରିବେଶକୁ କ୍ଷତି କରୁଛି। ଏଥିପ୍ରତି ଗୁରତ୍ୱ ଦେବାକୁ ପରିବେଶବିତ୍ ଦାବି କରିଛନ୍ତି। ବିଶେଷ କରି ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ରାସ୍ତା ନିର୍ମାଣକୁ ଜଙ୍ଗଲ ଓ ପରିବେଶ ବିଭାଗ ଅନୁମତି ଦେଉଥିଲେ ହେଁ ରାସ୍ତା କଡ ଜଙ୍ଗଲ ଓ ପାହାଡ଼ର ସୁରକ୍ଷା ପାଇଁ କୌଣସି ସ୍ୱତନ୍ତ୍ର ଦୃଷ୍ଟି ଦେଉନାହିଁ। ରାସ୍ତା ନିର୍ମାଣ ସଂସ୍ଥା, ବନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାର ବହୁ ଜଙ୍ଗଲ ଓ ପରିବେଶ ଅକାରଣରେ ଧରାଶାୟୀ ହୋଇପଡୁଛି ବୋଲି ମତ ପ୍ରକାଶ ପାଉଛି। ଏ ନେଇ ବାଂଶପାଳ ବିଡିଓ ବିକ୍ରାନୀ କିସ୍‌ପାଟ କହିଛନ୍ତି, ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ବିଭାଗକୁ ଅବଗତ କରାଇ ଏହାର ସ୍ଥାୟୀ ସମାଧାନ କରିବା ସହ ଗଛର ସୁରକ୍ଷା ନେଇ ପଦକ୍ଷେପ ନିଆଯିବ।

## ବସନ୍ତ ସଭାପତି, ରିତିକ ସମ୍ପାଦକ ମନୋନୀତ



ଜିଲା ହ୍ୟାଣ୍ଡବଲ ସଂଘର ସଦସ୍ୟମାନେ।

### ଜିଲା ହ୍ୟାଣ୍ଡବଲ ସଂଘ ନିର୍ବାଚନ

**କେନ୍ଦୁଝର,୧୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ହ୍ୟାଣ୍ଡବଲ ସଂଘର ବାର୍ଷିକ ସାଧାରଣ ବୈଠକ ବୁଧବାର ବଡ଼ହଲସ୍ଥିତ କେନ୍ଦୁଝର ସାଇନ୍ସ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଆଗାମୀ ୪ ବର୍ଷ ପାଇଁ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିସହ ଖେଳ ବିଷୟରେ ଆଲୋଚନା ହୋଇଥିଲା। ସଂଘର କାର୍ଯ୍ୟକାଳ ଚଳିତ ବର୍ଷ ଡିସେମ୍ବରରେ ସରୁଥିବାରୁ ତାକୁ ନେଇ ବହୁ ଆଲୋଚନା ପରେ ଆଗୁଆ ୩ ମାସ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ କରାଗଲା। ଏଥିରେ ରାଜ୍ୟ ସଂଘର ସମ୍ପାଦକ ଇଂ. ମାନସ କୁମାର ସିଂ, ନୀରିକ୍ଷକ, କୋଷାଧକ୍ଷ ଶିତେନ୍ଦ୍ର କୁମାର ଦାଶ ଓ ରମେଶ ପୃଷ୍ଟି, ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ସହମତିରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରାଇଥିଲେ। ସର୍ବସମ୍ମତି କ୍ରମେ ପୁଣିଥରେ ଇଂ ବସନ୍ତ କୁମାର ଦାନି ସଭାପତି ହୋଇଥିବା ବେଳେ ରିତିକ ଅଧିକାରୀ ସମ୍ପାଦକ ଓ ଦୟା ସାଗର ପଣ୍ଡା କୋଷାଧକ୍ଷ ହୋଇଛନ୍ତି। ଉପ-ସଭାପତି ଭାବେ କୃଷ୍ଣଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ପ୍ରଣୟ କୁମାର ପାଣି ଓ ମଧୁସ୍ମିତା ବେହେରା ହୋଇଥିବା ବେଳେ କାର୍ଯ୍ୟ ନିର୍ବାହୀ ସଦସ୍ୟଭାବେ ପରେଶ ପ୍ରଧାନ, ରବିନ୍ଦ୍ର ବାରିକ, ଶୁକଦେବ ନାଏକ, ସସ୍ମିତା ବିଶାଳ ଓ ସିଦ୍ଧାର୍ଥ ଗୌତମ ନନ୍ଦ ମନୋନୀତ ହୋଇଛନ୍ତି। ଏମାନଙ୍କ କାର୍ଯ୍ୟକାଳ ୨୦୨୮ ଡିସେମ୍ବରରେ ସମାପ୍ତ ହେବ।

## ଲୁଟ ଉଦ୍ୟମକୁ ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ଯୋଡ଼ା,୧୬।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରର କମାର ଯୋଡ଼ା ନିକଟରୁ ବ୍ୟାଙ୍କ ଗାଡ଼ିରୁ ଟଙ୍କା ଲୁଟ ଉଦ୍ୟମ ଘଟଣାକୁ ୨୪ ଘଣ୍ଟା ବିତିଛି। ପୋଲିସ ଏବେ ବି ଅପରାଧୀଙ୍କ କୌଣସି ଟେର ପାଇପାରୁନାହିଁ। ପାର୍ବଣ ସମୟରେ ସହରରେ ଲୁଟ ଉଦ୍ୟମ ଅଞ୍ଚଳବାସୀଙ୍କୁ ଭୟଭୀତ କରିଦେଇଛି। ସହରରେ ବାହାର ରାଜ୍ୟର ଅନେକ ଯାନବାହାନ ସନ୍ଦିଗ୍ଧ ଅବସ୍ଥାରେ ଚଳାଚଳ କରୁଥିଲେ ହେଁ ଯାଞ୍ଚ କରାଯାଉ ନ ଥିବାରୁ ଯୋଡ଼ାରେ ଅପରାଧ ବୃଦ୍ଧି ପାଇବାରେ ଲାଗିଥିବା ମତପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ଣରେ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ଗାଡ଼ିକୁ ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀ ବଳରାମ ପୃଷ୍ଟିଙ୍କ ସାହସିକତା ପାଇଁ ଯୋଜନା ପଣ୍ଡ ହୋଇଥିଲା। ଦିନ ଦ୍ୱିପ୍ରହରରେ ଘଟଣା ଘଟିଥିଲେ ହେଁ ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳି ନ ଥିବା ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ କହିଛନ୍ତି। ଟିମ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଉଥିବା ସେ କହିଥିଲେ। ଅନ୍ୟପକ୍ଷେ ଯୋଡ଼ାର ବିଭିନ୍ନ ଖଣିରେ ବାହର ରାଜ୍ୟର ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କର ଠିକ୍ ତଥ୍ୟ ପୋଲିସ ପାଖରେ ଅଛି କି ନାହିଁ ଏହା ମଧ୍ୟ ସହରବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ନିଯୁକ୍ତି ବେଳେ ଖଣି କମ୍ପାନୀ ପୋଲିସ ଭେରିଫିକେଶନ ସାର୍ଟିଫିକେଟ ଆବଶ୍ୟକତା କରୁଥିବା ବେଳେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ଶ୍ରମିକଙ୍କ କ୍ଷେତ୍ରରେ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।


କୁମାର ପୁନେଇଁ ଅବସରରେ ବୁଧବାର ଜଣେ କୁମାରୀ ଚାନ୍ଦ ପୂଜା କରୁଛନ୍ତି।

## ଚାନ୍ଦ ପୂଜା କଲେ କୁମାରୀ

**ଢେଙ୍କିକୋଟ,୧୬।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ବୁଧବାର କୁମାରୀମାନେ 'କୁଆଁର ପୁନେଇଁ ଜହ୍ନ ଲୋ ଫୁଲ ବଉଳ ବେଣୀ' ଗୀତ ଗାଇ ଚାନ୍ଦକୁ ପୂଜା କରିଛନ୍ତି। ପବିତ୍ର କୁମାର ପୂର୍ଣ୍ଣିମାରେ କୁଆଁରୀମାନେ ପୂର୍ବ ଆକାଶରେ ପୂର୍ଣ୍ଣ ଚାନ୍ଦକୁ ଦେଖିବା ପରେ ଘର ଅଗଣାରେ ଥିବା ଚଉରା ମୂଳେ ଚାନ୍ଦକୁ ପୂଜାର୍ଚ୍ଚନା ଓ ବନ୍ଦାପନା କରିଥିଲେ। ବିଭିନ୍ନ ପ୍ରକାର ପିଠା, ମିଠା, ଖିରି ଆଦି ଚାନ୍ଦକୁ ସମର୍ପିତ କରିଥିଲେ।

## ଘର ଭାଙ୍ଗିଲେ, ଚାଉଳ ଖାଇଗଲେ ହାତୀପଲ

**ପାଟଣା,୧୬।୧୦(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ଏକ ୨୪ ଟିକିଆ ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦୁଆପଡ଼ା ଗ୍ରାମରେ ସନ୍ତୋଷ ନାଏକଙ୍କ ଖପର ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଛନ୍ତି। ବୁଧବାର ସକାଳୁ ହାତୀପଲ ମାଧପୁର ଗାଁ ନିକଟରେ ପହଞ୍ଚି ଏକ ଶାଳ ଜଙ୍ଗଲରେ ଡେରା ପକାଇଥିଲେ। ଅପରାହ୍ଣରେ ହାତୀପଲ ମାଧପୁର ଜଙ୍ଗଲ ଭିତରେ ଥିବା ପୋଖରୀରେ ଜଳକ୍ରୀଡ଼ା କରିଥିଲେ। ଏହାକୁ ଦେଖିବାକୁ, ଭିଡିଓ କରିବାକୁ ଲୋକଙ୍କ ଭିଡ଼ ହୋଇଥିଲା। ହାତୀପଲ ଉପରେ ବନବିଭାଗ ନଜର ରଖିଛି। ବୁଧବାର ସନ୍ଧ୍ୟାରେ ପାଟଣା ସଂରକ୍ଷିତ ଜଙ୍ଗଲର ମାଧପୁରରେ ହାତୀପଲ ଡେରା ପକାଇଥିବା ବନପାଳ ପିଅନ ନାଏକ କହିଛନ୍ତି।


ମାଧପୁର ଜଙ୍ଗଲରେ ଥିବା ପୋଖରୀରେ ହାତୀପଲ ଜଳକ୍ରୀଡ଼ା କରୁଛନ୍ତି।

## ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ପାଳିଲା ବିଜେଡି

**ଯୋଡ଼ା,୧୬।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ ହୋଇଯାଇଛି। ଗୁଆଲିଠାରେ ଜିଲା ବିଜୁ ଜନତା ଦଳ ସଭାପତି କୁଶ ଆପଟ୍ଟ, ପୂର୍ବତନ ଗୁଆଲି ସରପଞ୍ଚ ଡବର ମୁଣ୍ଡା, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଜେଡି ନେତା ଅର୍ଜୁନ ସାଣ୍ଡିଲ, ପୀତବାସ ମହାକୁଡ ପ୍ରମୁଖଙ୍କ ସମେତ ଅନେକ ଶହ ଅଞ୍ଚଳବାସୀ ଉପସ୍ଥିତ ରହି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ ପୂର୍ବକ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ସେହିପରି ଯୋଡ଼ା ପୌରପାଳିକା ଅନ୍ତର୍ଗତ ୫ନମ୍ବର ୱାର୍ଡ ଆଜାଦବସ୍ତୀ ଲକ୍ଷ୍ମିପଡ଼ିଆସ୍ଥିତ ଲକ୍ଷ୍ମୀ ମନ୍ଦିର ପରିସରରେ ଯୋଡ଼ା ପୌର ପରିଷଦ ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ଜନ୍ମ ଦିବସକୁ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଡ଼ା ପୌର ଉପାଧକ୍ଷା ସନ୍ଧ୍ୟା ପାତ୍ର, ପୂର୍ବତନ ଯୋଡ଼ା ନଗର ସଭାପତି ଜିତେନ୍ଦ୍ର ଜୟସ୍ୱାଲ, ରବି ନାରାୟଣ ଦାସ, ହୃଷୀକେଶ ଜେନା, ସୁଶାନ୍ତ ବାରିକ, ବିଭିନ୍ନ ୱାର୍ଡ କାଉନ୍‌ସିଲରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଜନ୍ମ ଦିବସ ପାଳନ କରିଥିଲେ।

## କବିତା ସଂକଳନ 'ଭଜନ କଳିକା' ଉନ୍ମୋଚିତ

**ପାଟଣା,୧୬।୧୦(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ୀକାପୁଡି ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀକାପୁଡି ଗ୍ରାମର ଗୀତିକବି ତଥା ପାଲା ଗାୟକ ଋଷିନାଥ ମହାନ୍ତଙ୍କ କବିତା ସଂକଳନ 'ଭଜନ କଳିକା'ର ଶୁଭ ଉନ୍ମୋଚନ ଉତ୍ସବ ବୁଢ଼ୀ କାପୁଡିହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଜୀବନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅଭିଳାଷ ପ୍ରକାଶନ ତରଫରୁ ବହିଟି ପ୍ରକାଶିତ ହୋଇଛି। ବହିରେ କବିଙ୍କ ନିର୍ବାଚିତ ୭୬ ଟି ଭଜନ, ଜଣାଣ ଓ ପ୍ରାର୍ଥନା ସ୍ଥାନ ପାଇଛି। ପୁସ୍ତକର ଲୋକାର୍ପଣ ଉତ୍ସବରେ ବୁଢ଼ୀକାପୁଡି ହାଇସ୍କୁଲର ପ୍ରଧାନଶିକ୍ଷକ ରୋହିଦାସ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଜୁ ଚେତନା ଉଦ୍ରେକକାରୀ ସାହିତ୍ୟ ସାଧକ ଚରମାନନ୍ଦ ଦାସ, ମୁଖ୍ୟ ବକ୍ତାଭାବେ ମା'ତାରିଣୀ ସାହିତ୍ୟ ସଂସଦ ସଭାପତି ତଥା କବି କୈଳାସ ଚନ୍ଦ୍ର ତନ୍ତୀ, ସମ୍ମାନିତ ଅତିଥିଭାବେ ପୁସ୍ତକର ପ୍ରକାଶକ ଡମ୍ବରୁ ମହାନ୍ତ, ନାଟ୍ୟକାର ରଘୁନାଥ ମହାନ୍ତ, କବି ଋଷିନାଥ ମହାନ୍ତ, ଜଗବନ୍ଧୁ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କବି ଭାବଗ୍ରାହୀ ମହାନ୍ତ ସଂଯୋଜନା କରି ଥିଲେ। ଉତ୍ସବରେ କବି ସୁଧୀରଚନ୍ଦ୍ର କର, ନିରଞ୍ଜନ କର, ଘନଶ୍ୟାମ ମହାନ୍ତ, ଯୋଗେନ୍ଦ୍ର ନାଥ ମହାନ୍ତ, ଭାଗବତ ମହାନ୍ତ, ରୁକ୍ମଣୀ ମହାନ୍ତ, ବସନ୍ତ ମହାନ୍ତ, ତାପସ ପଣ୍ଡା, ସୁଦିପ କର, ବିଭୂତି ମହାନ୍ତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।


ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ।

## ଧରାବତରଣ କଲେ ମା' ଗଜଲକ୍ଷ୍ମୀ

**ଆନନ୍ଦପୁର,୧୬।୧୦(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ପୂର୍ଣ୍ଣମା ତିଥିରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ପାଇଁ ମା' ଧରାବତରଣ କରିଥିବା ବେଳେ ଏ ନେଇ ଗାଁଠୁ ସହର ଉତ୍ସବ ମୁଖର ହୋଇପଡ଼ିଛି। ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରେ ୩୯ତମ ମା' ଗଜଲକ୍ଷ୍ମୀ ପୂଜା ଯଥାବିଧି ଅନୁସାରେ ପାଳିତ ହୋଇଛି। ଗ୍ରାମର ମା'ମାନେ ରୁଣ୍ଡ ହୋଇ ମା'ଙ୍କ ପୀଠରେ ଶଙ୍ଖ ହୁଳହୁଳି ସହ ବନ୍ଦାପନା କରି ମା'ଙ୍କୁ ଆବାହନ କରିଥିଲେ। ସଂକଳରେ ଚତୁର୍ଭୁଜ ସାହୁ ରହିଥିବା ବେଳେ ବଳରାମ ମୁଦୁଲି, ପ୍ରତାପ ସାହୁ, ସୁଶାନ୍ତ ସାହୁ, ମାନସ ବେହେରା, ମୁରଲୀ ରଣା, ବିଷ୍ଣୁ ଚରଣ ସାହୁ କଳସ ଆଣିଥିଲେ। ଅଶୋକ ସାହୁ, ଭାବଗ୍ରାହୀ ବେହେରା, ମଣିଭଦ୍ର ସାହୁ, ଶରତ ସାହୁ ସହଯୋଗ କରିଥିଲେ।

**ରାମଚନ୍ଦ୍ରପୁର(ଗଣେଶ୍ୱର ସା):** ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ କାନପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ପୂଜା ମଣ୍ଡପରେ ମା'ଙ୍କ ମନଲୋଭା ମୂର୍ତ୍ତି ସହିତ ସାଜସଜ୍ଜା ଓ ରଙ୍ଗୀନ ତୋରଣ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ପୂଜକ ପ୍ରଦ୍ୟୁମ୍ନ ମିଶ୍ର ପୂଜା







କରୁଥିବାବେଳେ ଗ୍ରାମର ଆଶିଷ ଚକ୍ର ଓ ତାଙ୍କ ସ୍ତ୍ରୀ ସସ୍ମିତା ଚକ୍ର ପୂଜା ସଂକଳ୍ପରେ ବସିଥିଲେ। କମିଟିର ସଦସ୍ୟ ମନ୍ମଥ ଚକ୍ର, ନିର୍ମଳ ଚକ୍ର, ଅରୁଣ ଚକ୍ର, ଚନ୍ଦନ ଚକ୍ର, ବଇଲୋଚନ ଚକ୍ର, ଅମରେଶ ଚକ୍ର, ବଟକୃଷ୍ଣ ଚକ୍ର ପ୍ରମୁଖ ସହଯୋଗ କରୁଛନ୍ତି।

**ଚମ୍ପୁଆ(ମହେଶ୍ୱର ଦାସ):** ଚମ୍ପୁଆ ଧଳାଡ଼ିହ ଗଜଲକ୍ଷ୍ମୀ ପୂଜାପାଇଁ ପୌରହିତ ଅଶୋକ ପଣ୍ଡାଙ୍କ ଦ୍ୱାରା ଗ୍ରାମର ବହୁ ମହିଳାଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ବିଭିନ୍ନ ପୂଜାକମିଟି ପକ୍ଷରୁ ଭକ୍ତିପୁତ ଭାବେ ଦ୍ୱିତୀୟ ଗଙ୍ଗା ବୈତରଣୀ ନଦୀରୁ କଳସ ଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଛି।

**ଢେଙ୍କିକୋଟ(ନୀଳମଣି ମଣ୍ଡଳ):** ଢେଙ୍କିକୋଟଠାରେ ମହାଲକ୍ଷ୍ମୀ ପୂଜା ମହାସମାରୋହରେ ପାଳନ ହୋଇଯାଇଛି। ସଂକଳ୍ପଧାରୀ ରାମଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ମକରଧଜ ସାହୁ, ତାପସ ଓଝା, ସୁଶାନ୍ତ ସେନାପତି ଏବଂ ଦିଗାମ୍ବର ନାୟକଙ୍କ ଦ୍ୱାରା କଳସ ଆଣିଥିଲେ। ଅପରାହ୍ଣ ୪ ଟା ବେଳେ ମହାଲକ୍ଷ୍ମୀ ପୂଜା ମଣ୍ଡପରେ ମା' ମହାଲକ୍ଷ୍ମୀଙ୍କୁ ଯଥାବିଧି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂଜା କମିଟିର ଉପଦେଷ୍ଟା ଶର୍ଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର ସାହୁ ଏବଂ ଉପେନ୍ଦ୍ର ଓଝାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।

**ପାଟଣା(ବୀରକିଶୋର ଦାଶ):** ପାଟଣା ବ୍ଲକ୍ ମୁଖ୍ୟାଳୟ, ତୁରୁମୁଙ୍ଗା ଏବଂ ଆଖପାଖ ଅଞ୍ଚଳ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜା ଓ କୁମାର ପୂର୍ଣ୍ଣିମା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି। କୁମାର ଉତ୍ସବ କମିଟି ପକ୍ଷରରୁ ପାଟଣା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିର ନିକଟରେ ମା' ଲକ୍ଷ୍ମୀଙ୍କ ପୂଜା ଧୂମଧାମରେ ପାଳିତ ହେଉଛି। କର୍ତ୍ତାଭାବେ ବିବେକାନନ୍ଦ ଦାଶ ଦେବନୀତି ସମ୍ପାଦନ କରୁଛନ୍ତି। ଆସନ୍ତା ୨ ଦିନ ଧରି ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ତୁରୁମୁଙ୍ଗା ଓ ଚେମେଣା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମା' ଲକ୍ଷ୍ମୀଙ୍କ ସୁନ୍ଦର ମୂର୍ତ୍ତି ସହ ସୁସଜ୍ଜିତ ତୋରଣ ଓ ଆଲୋକ ମାଳାରେ ପୂଜା ମଣ୍ଡପ ଝଲସୁଛି। ସେହିପରି କୁଆଁରୀ ଝିଅମାନେ କୁଆଁର ପୁନେଇ ପାଇଁ ଉପବାସ ରହି ଚଉଁରା ମୂଳରେ ଚାନ୍ଦ ବନ୍ଦାପନା କରିଛନ୍ତି।

## ସଂକ୍ଷେପରେ

### ରେଳଧାରଣାରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଜଳେଶ୍ୱର, ୧୬।୧୦(ରବିନାରାୟଣ ପାତ୍ର)

ସାଲିମାରରୁ ଚେନ୍ନାଇ ଅଭିମୁଖେ ଯାଉଥିବା ୦୭୨୨୬ ସିକନ୍ଦରାବାଦ ସ୍ପେଶାଲ ଟ୍ରେନ୍‌ରୁ ଜଣେ ଯୁବକ ଖସିପଡି ମୃତ୍ୟୁବରଣ କରିଥିବା ଜିଆର୍‌ପି ସୂତ୍ରରୁ ଜଣାପଡିଛି। ଅପ୍ ଲାଇନ୍‌ର ୧୮୪/୨୫-୨୭ କି.ମି. ନିକଟରୁ ଯୁବକଙ୍କ ମୃତଦେହ ଜିଆର୍‌ପି ଏସ୍‌ଆଇ ଏସ୍‌ଏନ୍ ପାତ୍ର ଜବତ କରିଥିଲେ। ଯୁବକଜଣକ କଳା ପ୍ୟାଣ୍ଟ ସହିତ ବାଇଗଣି ରଙ୍ଗର ଟି ଶାର୍ଟ୍ ପିନ୍ଧିଛନ୍ତି। ତାଙ୍କ ବୟସ ୪୦ବର୍ଷ ହେବ ବୋଲି ଜିଆର୍‌ପି କହିଛି। ଜିଆର୍‌ପି ପକ୍ଷରୁ କେସ୍ ନଂ. ୯୧/୨୪ ରୁଜୁ କରାଯାଇଛି। ବାଲେଶ୍ୱରରେ ଶବ ବ୍ୟବଚ୍ଛେଦ ହୋଇ ସୁରକ୍ଷିତ ଭାବେ ରଖାଯାଇଛି।

### ଗ୍ୟାସ୍ ସିଲିଣ୍ଡର ଚୋରିକରି ଛେଚା ଖାଇଲେ ୨ ଯୁବକ

ଭୋଗରାଇ, ୧୬।୧୦(ପ୍ରଦୀପ ଦାସ)

ନିଶା ପାଇଁ ୨ ଯୁବକ ରାତି ଅଧରେ ପଶି ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲେ। ହେଲେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଯିବାରୁ ଛେଚା ଖାଇଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଇଦୋଳି ଗ୍ରାମରେ। ଦଶହରା ଉପଲକ୍ଷେ ଉକ୍ତ ଗ୍ରାମରେ ମଙ୍ଗଳବାର ରାତିରେ ଏକ ନାଟକ ମଞ୍ଚସ୍ଥ ହେଉଥିଲା। ତାଙ୍କ ପରିବାର ଲୋକେ ନାଟକ ଦେଖିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ୨ ଯୁବକ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଉଥିବା ଗ୍ରାମବାସୀ ଦେଖି ଯୁବକଦ୍ୱୟଙ୍କୁ ଧରି ପକାଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ରସିରେ ବାନ୍ଧି ମାଡ଼ ମାରିବା ପରେ ସେମାନେ ନିଶା ପାଇଁ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି କରିଥିବା ଯୁବକ ଜଣକ ନାଇଦୋଳି ଗ୍ରାମର ହୋଇଥିବା ବେଳେ ଅନ୍ୟଜଣେ ଯୁବକ କୁଚିଲାଡାଙ୍ଗ ଗ୍ରାମର ବୋଲି ଜଣାପଡିଥିଲା। ନାଇଦୋଳି ଗ୍ରାମର ଯୁବକ ଜଣକ ପୂର୍ବରୁ ଅନ୍ୟ ଲୋକଙ୍କ ଘରେ ଧାନ କାଢି ନେଇ ଚୋରାରେ ବିକ୍ରି କରିବା ସହ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି କରି ଧରାପଡି ଭୋଗରାଇ ଥାନାକୁ ଯାଇଥିଲେ। ଯୁବକଦ୍ୱୟଙ୍କ ବିରୋଧରେ ଗ୍ରାମବାସୀ ଭୋଗରାଇ ଥାନାରେ ଏତଲା ନ ଦେଇ ଛାଡି ଦେଇଥିବା ସୂଚନା ମିଳିଛି।

### ବୃକ୍ଷ ମା' ଉର୍ମିଳାଙ୍କ ପରଲୋକ

ବାଲେଶ୍ୱର, ୧୬।୧୦(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ବସ୍ତା ଥାନା ଦରଡ଼ା ପଞ୍ଚାୟତ ଅଧୀନ କୋଠପଦା ଗ୍ରାମର ବୃକ୍ଷ ମା' ଉର୍ମିଳା ବେହେରା (୬୫)ଙ୍କ ପରଲୋକ ହୋଇଯାଇଛି। ସେ ବିଭିନ୍ନ ଅଞ୍ଚଳରେ ତାଳ ଗଛ ସମେତ ଆମ୍ବ, ବଉଳ, ଆକାଶୀ ଆଦି ଚାରାରୋପଣ କରି ବୃକ୍ଷ ମା' ଭାବେ ଖ୍ୟାତି ଅର୍ଜନ କରିଥିଲେ। ପରିବେଶ ସୁରକ୍ଷା ସହ ଚାରାରୋପଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏଥିସହ ବାଙ୍ଗାଲୋରରେ ଜେଟ୍ କିଙ୍ଗ ପୁରସ୍କାର, ପୁରୀଠାରେ ସର୍ବୋଦୟ ମେଳା ପୁରସ୍କାର, ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଶବିତ୍ ପୁରସ୍କାର ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଥିଲେ। ବ୍ରେନଷ୍ଟ୍ରୋକ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୧୪ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏକ ଶୋଭାଯାତ୍ରାରେ ମୃତଦେହକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର କନ୍ୟା ଅଧକ୍ଷା ମୀନତିରାଣୀ ବେହେରା, ଜ୍ୱାଇଁ ଅଧକ୍ଷ ଡ. ତପନ କୁମାର ବେହେରାଙ୍କ ସମେତ ବନ୍ଧୁବାନ୍ଧବ, ପରିବାରବର୍ଗ, ଗ୍ରାମବାସୀ ଉପସ୍ଥିତ ଥିଲେ। ଆଙ୍କୋ ଶତାବ୍ଦୀ କ୍ଲବ ସଭାପତି ସନ୍ତୋଷ ପରିଡ଼ାଙ୍କ ପୌରୋହିତ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ ବେହେରା, ଉପଦେଷ୍ଟା ଜୟକୃଷ୍ଣ ଗିରି, ସୃଷ୍ଟିଧର ପରିଡ଼ା, ସତ୍ୟ ସେନାପତି, ଶାରଦା ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ସଭ୍ୟ ରତନ ପରିଡ଼ା, ସୁନୀଲ ଦାସ, ସନିଆ ବେହେରା, ନଗେନ୍ଦ୍ର ବେହେରା, ବିଜୟ ଗିରି ଓ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# କାମ ବନ୍ଦ କଲେ ଗ୍ରାମବାସୀ

## ରାଇବଣିଆ ଦୁର୍ଗ ନିର୍ମାଣ ନିମ୍ନମାନର ଅଭିଯୋଗ

ଜଳେଶ୍ୱର, ୧୬।୧୦(ନବୀନ ସାହୁ)



ନିର୍ମାଣାଧୀନ କାର୍ଯ୍ୟକୁ ଗ୍ରାମବାସୀ ବନ୍ଦ କରୁଛନ୍ତି।

ବାଲେଶ୍ୱର ଜିଲାର ଏକମାତ୍ର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ରାଇବଣିଆ ଦୁର୍ଗର ପୂର୍ବ ଦିଗରେ ଏକ ପ୍ରବେଶ ଦ୍ୱାର ଓ ପଶ୍ଚିମ ଦିଗରେ ଏକ ପ୍ରବେଶ ଦ୍ୱାର ନିର୍ମାଣ ହୋଇଛି। ଭଗ୍ନାବେଶ ହୋଇପଡିଥିବା ଗଡଚଣ୍ଡି ମନ୍ଦିର, ପାଚେରି ଏବଂ ଅତିଥି ଭବନ ନିର୍ମାଣ ଚାଲିଛି। ମନ୍ଦିର ସୁରକ୍ଷା ପାଇଁ ପାଚେରି ସହିତ ଅନ୍ୟାନ୍ୟ କୋଠରି ମଧ୍ୟ ନିର୍ମାଣ ହେଉଛି। ପାଚେରି ନିର୍ମାଣ ପାଇଁ ହେଉଥିବା ପିଲର୍ ଗର୍ତ୍ତରେ ବାଲି ବଦଳରେ ମାଟି ଭର୍ତ୍ତି ସହିତ ପାଉଁଶ ଇଟା, ମାଟି ମିଶ୍ରିତ ଚିପ୍‌ସ, ରଫବାଲି, ଡ୍ୟାମେଜ ରଡରେ ନିର୍ମାଣ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ କାମର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ସେଠାରେ କାର୍ଯ୍ୟ କରୁଥିବା ପାଖ ଅଞ୍ଚଳରେ ଶ୍ରମିକମାନେ ବାରମ୍ବାର ଠିକାଦାରଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ ଶୁଣୁନାହାନ୍ତି। ଠିକାଦାର କିମ୍ବା ବିଭାଗୀୟ ଜେଇ ମଧ୍ୟ କାର୍ଯ୍ୟର ତଦାରଖ ପାଇଁ ଆସୁନାହାନ୍ତି। ବୁଧବାର କାମ ଚାଲିଥିବା ବେଳେ ରାଇବଣିଆର ଗ୍ରାମବାସୀ ଆଶିଷ ଘୋଷ, ସଞ୍ଜୀବ ଜେନା, ସତ୍ୟରଞ୍ଜନ ପାତ୍ର, ନୃସିଂହ ଜେନା, ସୁଶାନ୍ତ ବେହେରା, ଅର୍ଜୁନ ଭଞ୍ଜଙ୍କ ସହିତ ଅନ୍ୟ ଗ୍ରାମବାସୀ ଆସି କାମ ବନ୍ଦ କରିବା ସହିତ ନିମ୍ନମାନର ନିର୍ମାଣ ବାବଦରେ ବାଲେଶ୍ୱର ଜିଲାପାଳଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି। ପର୍ଯ୍ୟଟନ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଦୀର୍ଘ ୫ ହଜାର ବର୍ଷ ପୂର୍ବର ରାଇବଣିଆ ଦୁର୍ଗର ଉନ୍ନତୀକରଣ ପାଇଁ ୨୦୨୩ ଡିସେମ୍ବର ୨୪ତାରିଖରେ ବାଲେଶ୍ୱର ଜିଲାର ପୂର୍ବତନ ଜିଲାପାଳ ଶିନ୍ଦେ ଓ ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ୧୬କୋଟି ୮୭ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ଏହା ଓଡ଼ିଶା ପର୍ଯ୍ୟଟନ ବିଭାଗ ଇସିଆଇଏଲ୍ ନାମକ କମ୍ପାନୀକୁ ଦେବା ପରେ ଇସିଆଇଏଲ୍ କମ୍ପାନୀ ଏହାକୁ ଉର୍ମିଳା ବିଲ୍ଡର୍ସ ନାମକ ଠିକା ସଂସ୍ଥାକୁ ଟେକି ଦେଇଛି।



ମୁକ୍ତାଶୁଣି ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ।

### ଖଇରାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କୁ ଆରାଧନା

ଖଇରା, ୧୬।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଖଇରା ପଞ୍ଚାୟତ ବିଷ୍ଣୁପୁରସ୍ଥିତ ମୁକ୍ତାଶୁଣି ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂଜା ପାଇଁ ବୁଧବାର ସନ୍ଧ୍ୟାରେ ପ୍ରଶାନ୍ତ କୁମାର ଜେନା, ରବିନାରାୟଣ ଦାସ, ମାନସ ପ୍ରଧାନଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପୂଜକ ବିରଞ୍ଚି ନାରାୟଣ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ସେହିଭଳି ଖଇରା ବଜାର ଆଳଦାଛକ, ମାହାରାସାହି, ପତିରାଜପୁର, ଅରଖପୁର, ଭୋଗୁପୁର, ବାଗିଙ୍ଗିଆ, ସମ୍ପେଇ, କିଶୋରନଗର ଆଦି ସ୍ଥାନରେ ପୂଜା ପାରମ୍ପରିକ ରୀତିରେ ଆରମ୍ଭ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।

## ବୃଦ୍ଧାଙ୍କ ମୃତ୍ୟୁ, ବଞ୍ଚାଇବାକୁ ଯାଇ ଯୁବକ ଗୁରୁତର



ଅଟକି ରହିଥିବା ଶତାବ୍ଦୀ ଏକ୍ସପ୍ରେସ୍।

ବାଲେଶ୍ୱର, ୧୬।୧୦(ବାଞ୍ଛାନିଧି ଦେ)

### ଅଙ୍ଗାରଗଡ଼ିଆ ଲେଭଲ୍ କ୍ରସିଂଠାରେ ଦୁର୍ଘଟଣା

ବାଲେଶ୍ୱର ଅଙ୍ଗାରଗଡ଼ିଆ ଲେଭଲକ୍ରସିଂ ନିକଟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରେନ୍ ଦୁର୍ଘଟଣାରୁ ବୃଦ୍ଧାଙ୍କୁ ବଞ୍ଚାଇବାକୁ ଯାଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ହେଲେ ଶିଳ୍ପାଞ୍ଚଳ ଥାନା ସମଲପୁର ଅଞ୍ଚଳର ପଦ୍ମାବତୀ ଦାସ (୭୮)। ଗୁରୁତର ଯୁବକ ହେଲେ ରଶ୍ମିରଞ୍ଜନ ସେଠୀ ଓ ତାଙ୍କ ଘର ଆରମୋଳା ଅଞ୍ଚଳର ବୋଲି ଜଣାପଡ଼ିଛି।

ଡାଉନ ଲାଇନ୍‌ରେ ଶତାବ୍ଦୀ ଏକ୍ସପ୍ରେସ୍ ଆସୁଥିବାରୁ ଉକ୍ତ ଲେଭଲ କ୍ରସିଂଠାରେ ଫାଟକ ପଡ଼ିଥିଲା। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବା ସହ ଲୋକମାନେ ଛିଡ଼ା ହୋଇଥିଲେ। ମାତ୍ର ପଦ୍ମାବତୀ ଫାଟକକୁ ଅତିକ୍ରମ କରି ରେଳଧାରଣାରେ ଯାଉଥିବା ବେଳେ ଲୋକମାନେ ଚିତ୍କାର କରି ତାଙ୍କୁ ଯିବା ପାଇଁ ବାରଣ କରିଥିଲେ। ସେଠାରେ ଥିବା ଆରମୋଳା ଅଞ୍ଚଳର ଜଣେ ଯୁବକ ସାହସିକତା ଦେଖାଇ ବୃଦ୍ଧାଙ୍କୁ ଟ୍ରେନ୍ ସମ୍ମୁଖରୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଟ୍ରେନ୍ ପହଞ୍ଚିଯିବାରୁ ବୃଦ୍ଧା ଓ ଯୁବକ ଜଣକ ଦୁର୍ଘଟଣାର ଶିକାର ହୋଇଥିଲେ। ଟ୍ରେନ୍ ଧକ୍କାରେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିବା ବେଳେ ଯୁବକଜଣକ ଗୁରୁତର ଆହତ ହୋଇଥିଲେ। ଆହତ ଯୁବକଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରେନ୍ କିଛି ସମୟ ପାଇଁ ଛିଡା ହୋଇଥିଲା। ଅପରପକ୍ଷରେ ଜିଆର୍‌ପି ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୯୨/୨୪) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ବୃଦ୍ଧାଜଣକ ମାନସିକ ବିକାରଗ୍ରସ୍ତ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ



ଜବତ କାଠ ସହ ବନବିଭାଗ ଓ ପୋଲିସ ଅଧିକାରୀ।

ନୀଳଗିରି, ୧୬।୧୦(ପ୍ରଶାନ୍ତ ବିଶ୍ୱାଳ)

### ବେଆଇନ କରତକଳ ଉପରେ ବନବିଭାଗର ଚଢ଼ାଉ

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଦିନକୁ ଦିନ ଚୋରା ବେଆଇନ କରତ କଳ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ବାଲେଶ୍ୱର ଏସିଏଫ ସସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ବନବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଏକ ବେଆଇନ କରତକଳ ଉପରେ ଚଢାଉ କରାଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ ହୋଇଛି।ସୂଚନା ଯେ, ବୁଧବାର ବିଳମ୍ବିତ ରାତିରେ ଏସିଏଫ୍ ସାହୁ ଓ ନୀଳଗିରି ରେଞ୍ଜର ଆଇସା ଏ ନିଶାଙ୍କ ନେତୃତ୍ୱରେ ଏକ ଟିମ୍ ନୀଳଗିରି ବନବିଭାଗ ଅଧୀନ ପୂର୍ବଗଡ଼ିଆଠାରେ ଚାଲୁଥିବା ଏକ ବେଆଇନ କରତ କଳ ଉପରେ ନୀଳଗିରି ପୋଲିସ ଓ ନୀଳଗିରି ରେଞ୍ଜ ଅଧୀନ ସମସ୍ତ କର୍ମଚାରୀଙ୍କ ଦ୍ୱାରା ଚଢାଉ କରାଯାଇଥିଲା। ଏହି କରତକଳରୁ ସମସ୍ତ ଯନ୍ତ୍ରାଂଶ ଜବତ ହେବା ସହ ଇଉକାଲିପଟାସ, ଆମ୍ବ, ସିମୁଳି ଆଦି କାଠ ଗଣ୍ଡି ଜବତ କରାଯାଇଛି। ଜବତ କାଠର ପରିମାଣ ୧୫୦.୨୨ ସିଫ୍ଟ ଅଟେ। ଜବତ ହୋଇଥିବା କାଠ ଓ କରତକଳ ଯନ୍ତ୍ରାଂଶର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ନୀଳଗିରି ରେଞ୍ଜ ଅଫିସର ପ୍ରକାଶ କରିଛନ୍ତି। ଚଢାଉ ବେଳେ ଚୋରା ବେପାରୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି।

# ଜଳେଶ୍ୱରରେ ନାହିଁ ବସ୍‌ଷ୍ଟାଣ୍ଡ

ଜଳେଶ୍ୱର, ୧୬।୧୦(ନବୀନ ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍‌ଷ୍ଟାଣ୍ଡଗୁଡିକର ନବୀକରଣ କରାଯାଇ ବିମାନବନ୍ଦର ରୂପ ଦିଆଯାଇଛି। ହେଲେ ବାଲେଶ୍ୱର ଜିଲାର ହଜାରେ ବର୍ଷର ସହର ଜଳେଶ୍ୱରରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକେ ଯାତାୟାତ ପାଇଁ ବହୁତ ହଇରାଣ ହେଉଛନ୍ତି। ଏକଦା ଇଂରେଜମାନଙ୍କର ଜଳେଶ୍ୱର ଥିଲା ପ୍ରମୁଖ ସହର। ଏ ସହରକୁ ଟ୍ରେନ ସେବା ରହିବା ସହିତ ବସ୍‌ସେବା ମଧ୍ୟ ଆରମ୍ଭ ହୋଇଥିଲା। ହେଲେ ଏବେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ଖରା, ବର୍ଷାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୩ ଡିସେମ୍ବର ୨୮ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର ଏକ ଖବରଦାତା ସମ୍ମିଳନୀ ଜରିଆରେ ଜଳେଶ୍ୱରରେ ଏକ ବସ୍‌ଷ୍ଟାଣ୍ଡ ପାଇଁ ଲକ୍ଷ୍ମଣନାଥଠାରେ ୫ ଏକର ଜାଗା ପୂର୍ବ ସରକାର ସ୍ଥିର କରିଥିଲେ ବୋଲି ସୂଚନା ଦେଇଥିଲେ। ଜାଗା ସ୍ଥିର ହେବାର ବର୍ଷେ ବିତିଲାଣି, ଏପର୍ଯ୍ୟନ୍ତ କୌଣସି କାମ ଆଗେଇପାରିନି। ଶୌଚାଳୟ ନ ଥିବାରୁ ମହିଳା ଯାତ୍ରୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

୧୯୫୦ମସିହାଠାରୁ ଜଳେଶ୍ୱର ସହରକୁ ବସ୍ ସେବା ଜାରି ରହିଛି। ପ୍ରତିଦିନ ୭୦ ଅଧିକ ବସ୍ ଚଳାଚଳ କରୁଛି। ସହରରେ ଘରୋଇ ବସ୍‌ଷ୍ଟାଣ୍ଡ ନାହିଁ, ଓଏସଆରଟିସିର ବସ୍‌ଷ୍ଟାଣ୍ଡ ମଧ୍ୟ ନାହିଁ। ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତା ଉପରେ ବସ୍ ରଖିବାକୁ ବାଧ୍ୟ ହେଉଛନ୍ତି ବୋଲି ଘରୋଇ ବସ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଅଭୟ କୁମାର ସ୍ୱାଇଁ କହିଛନ୍ତି ଯେ, ଜଳେଶ୍ୱର ମ୍ୟୁନିସିପାଲିଟି ତରଫରୁ ବସ୍‌ଷ୍ଟାଣ୍ଡ ପାଇଁ ଆବେଦନ ହୋଇଛି, ଜାଗା ତହସିଲ ତରଫରୁ ମିଳିପାରିନାହିଁ।

### ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

ଖଇରା, ୧୬।୧୦(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ପାଳନ ଅବସରରେ ନନ୍ଦୁରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପରାମର୍ଶ କ୍ରମେ କାର୍ଯ୍ୟକ୍ରମର ସଂଯୋଜକ ପ୍ରହ୍ଲାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି କେକ କାଟି ଜନ୍ମଦିନ ପାଳନ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ନନ୍ଦୁର ସମିତି ସଭ୍ୟା ଦମୟନ୍ତୀ ସିଂ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରକ୍ତଦାତାଙ୍କୁ ମାନପତ୍ର ଦିଆଯାଇଥିଲା। ପଦ୍ମଲୋଚନ ନାୟକ, ଗୌତମ ନାୟକ, ଶମ୍ଭୁନାଥ ସାହୁ, ରଞ୍ଜନ ମହାପାତ୍ର, ବିଦ୍ୟାଧର ବେହେରା ଓ ଜ୍ୟୋତିପ୍ରକାଶ କର ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପାଳିଲେ ନବୀନଙ୍କ ଜନ୍ମଦିନ



ଛାତ୍ରୀଛାତ୍ରଙ୍କ ଗହଣରେ କେକ୍ କାଟୁଛନ୍ତି ବିଧାୟିକା ସୁବାସିନୀ ଜେନା।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ (ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୬।୧୦

### ଉଗରା ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଉଗରା ମଦର ଟେରେସା ସେବା ସଂଘ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟରେ ବୁଧବାର ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ କେକ୍ କାଟି କୁନି ପିଲାଙ୍କୁ ଖୁଆଇଥିଲେ। ବିଦ୍ୟାଳୟର କୁନି ପ୍ରତିଭାମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ନୃତ୍ୟ ପରିବେଷଣ ଦେଖି ବିଧାୟିକା ଜେନା ଖୁସି ପ୍ରକାଶ କରିବା ସହ ପିଲାମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ଏହି ଅବସରରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ଜେନା, ବାଲିଆପାଳ ବ୍ଲକ ପୂର୍ବତନ ବିଜେଡି ସଭାପତି ଚକ୍ରଧର ଗିରି, ଉଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବିଜେଡି ନେତା ଭଗୀରଥ ଗିରି, ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଦେବକୁମାର ଦେ, ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲାପରିଷଦ ସଦସ୍ୟ ବେଣୁଧର ଜେନା, ବିଜେଡି ବରିଷ୍ଠ ନେତା ଗଗନ ଗିରି ପ୍ରମୁଖ ଯୋଗଦେଇଥିଲେ। ମଦର ଟେରେସା ସେବା ସଂଘ ତଥା ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟର ସଭାପତି ଡ. ଅନିରୁଦ୍ଧ ପାତ୍ର ଧନ୍ୟବାଦ ଦେଇଥିଲେ।

### ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ସୋର, ୧୬।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ଅଭଣା ହାଟରୁ ମଙ୍ଗଳବାର ଏକ ମୋବାଇଲ ଚୋରି ଘଟଣାରେ ଅନନ୍ତପୁର ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ବାହାନଗା ବ୍ଲକ ଦେବେନ୍ଦ୍ରପୁର ଗ୍ରାମର ପଞ୍ଚାନନ ନାୟକ ଅପରାହ୍ନରେ ଅଭଣା ହାଟରେ ପରିବା କିଣୁଥିବା ବେଳେ ତାଙ୍କ ଶାର୍ଟ ପକେଟରେ ଥିବା ମୋବାଇଲକୁ ଭଦ୍ରକ ଜିଲା ଧାମନଗର ଥାନା ନୂଆପଡା ଗ୍ରାମର ଦିପୁନ ଦାସ ଚୋରି କରିନେଇଥିଲେ। ଫଳରେ ପଞ୍ଚାନନ ସ୍ଥାନୀୟ ଲୋକଙ୍କ ସହାୟତାରେ ଦିପୁନଙ୍କୁ କାବୁ କରି ଅନନ୍ତପୁର ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ସୋର ଥାନାକୁ ଆଣିଥିଲା। ଏନେଇ କେସ୍ ନଂ.୮୬୨/୨୪ ରୁଜୁ କରି ଦିପୁନଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

### ଦୁର୍ଘଟଣାରେ ଯୁବକ ମୃତ

ଖଇରା, ୧୬।୧୦(ଉତ୍କଳବନ୍ଧୁ ପଣ୍ଡା)

ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ଦାନ୍ତିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ନନ୍ଦୁର ଗ୍ରାମର ଗୌତମ ସାହୁ ଆଖି ବୁଜିଛନ୍ତି । ତାଙ୍କ ପରିବାର ଲୋକେ ଟାଟା ନଗରରେ ରହୁଥିବା ବେଳେ ଗୌତମ ଗ୍ରାମରେ ରହୁଥିଲେ। ବୁଧବାର ସେ ଯାଉଥିବା ବେଳେ ଗାଡି ଧକ୍କା ଦେବାରୁ ସଂଜ୍ଞାହୀନ ହୋଇପଡିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ସୋର, ୧୬।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ଅଧୀନ ଗୁଡିସାହି ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ମହିଳା ହେଲେ ମହୁମୁହାଣ ପଞ୍ଚାୟତ ଗୁଡିସାହି ଗ୍ରାମର ଟୁନା ସିଂଙ୍କ ସ୍ତ୍ରୀ ଲକ୍ଷ୍ମୀ(୩୦)। ବୁଧବାର ସକାଳେ ଲକ୍ଷ୍ମୀ ଘରୁ ବାହାରକୁ ଯାଇଥିବା ବେଳେ ଘର ନିକଟରେ ଥିବା ଏକ ନିମ୍ବ ଗଛରେ ପିନ୍ଧିଥିବା ଶାଢୀରେ ବେକରେ ଲଗାଇ ଝୁଲିଥିବା ନେଇ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି। ଏନେଇ ସୋର ଥାନରେ କେସ୍ ନଂ. ୭୯/୨୪ ରୁଜୁ ହୋଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ଆମରଣ ଅନଶନରୁ ଓହରିଲା କୈବର୍ତ୍ତ ମହାସଭା

କାଳିପଦା, ୧୬।୧୦(ରାଜଶ୍ରୀ ପାଣିଗ୍ରାହୀ)

### ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ପାଇଁ ରହିବ ସହଯୋଗ




ଖବରଦାତା ସମ୍ମିଳନୀରେ କୈବର୍ତ୍ତ ମହାସଭାର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖଠାରେ ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠାକୁ ନେଇ ବୁଧବାର କାଳିପଦାସ୍ଥିତ ସୁବର୍ଣ୍ଣରେଖା ପୋର୍ଟ ପ୍ରା ଲିଃ ଓ ଟାଟା ଷ୍ଟିଲ ଫାଉଣ୍ଡେଶନ ଅଫିସ ପ୍ରସଙ୍ଗରେ କୈବର୍ତ୍ତ ମହାସଭାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସାଧାରଣ ସମ୍ପାଦକ ସୁଧୀର କୁମାର ଖଣ୍ଡା, ରାଜ୍ୟ ସଭାପତି ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ୟୁନିୟନର ପ୍ରସନ୍ନ କୁମାର ବେହେରା, ଯୁବ ସାଧାରଣ ସମ୍ପାଦକ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇ ମତ୍ସ୍ୟଜୀବୀଙ୍କ ହକ୍ ପାଇଁ ମହାସଭା ଲଢ଼େଇ କରିବା ସହିତ ସକାରାତ୍ମକ କାର୍ଯ୍ୟ ପାଇଁ ମହାସଭା ବନ୍ଦର ନିର୍ମାଣକୁ ସହଯୋଗ କରିବ ବୋଲି ଘୋଷଣା କରିଥିଲେ। ମତ୍ସ୍ୟଜୀବୀଙ୍କ ଚିହ୍ନଟ ହେବା ପାଇଁ ମହାସଭା ସରକାରଙ୍କ ସହିତ ଆଲୋଚନା କରିବ ବୋଲି ମଧ୍ୟ କହିଛନ୍ତି। ମତ୍ସ୍ୟ ମରାରୁ ବଞ୍ଚିତ ଧୀବରମାନଙ୍କୁ ଚାକିରି, ପିଲାମାନଙ୍କର ପାଠପଢା, ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ତାଲିମ ପ୍ରଦାନ ଆଦି ସମ୍ପର୍କରେ ବନ୍ଦର କର୍ତ୍ତୃପକ୍ଷ ପଦକ୍ଷେପ ନେବ ବୋଲି ସେମାନେ କହିଥିଲେ। ତେବେ ସମାନଙ୍କର ସମସ୍ତ ସମସ୍ୟାକୁ ରଚନାତ୍ମକ ଢଙ୍ଗରେ ସମାଧାନ କରିବେ ବୋଲି ବନ୍ଦର କର୍ତ୍ତୃପକ୍ଷ ସହମତ ପ୍ରକାଶ କରିଥିବା ମହାସଭା କର୍ମକର୍ତ୍ତା ପ୍ରକାଶ କରିଥିଲେ। ଅପରପକ୍ଷରେ ଆସନ୍ତା ୧୭ ତାରିଖରେ ମହାସଭା ତରଫରୁ ହେବାକୁ ଥିବା ଆମରଣ ଅନଶନକୁ ପ୍ରତ୍ୟାହାର କରି ନିଆଗଲା ବୋଲି ମହାସଭାର କର୍ମକର୍ତ୍ତାମାନେ ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

